**ସଂକ୍ଷେପରେ**

## ବରେଇ ଗ୍ରାମରେ କୁରାଳ ପଞ୍ଚମୀ ପୂଜା



ଝୁମ୍ପୁରୀ,୧୮।୧୨(ସରୋଜ ନାୟକ)

ଦଶରଥପୁର ବ୍ଲକ୍ ବିରିପଟା ପଞ୍ଚାୟତ ବରେଇ ଗ୍ରାମରେ କୁରାଳ ପଞ୍ଚମୀ (ଲକ୍ଷ୍ମୀନାରାୟଣ ପୂଜା) ଆରମ୍ଭ ହୋଇଛି। ଉକ୍ତ ଗ୍ରାମରେ ବସବାସ କରୁଥିବା କୁମ୍ଭାର ସମ୍ପ୍ରଦାୟର ଲୋକେ ଏହି ପୂଜା ପ୍ରାୟ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ପାଳନ କରିଆସୁଛନ୍ତି। ପ୍ରତିବର୍ଷ ପୌଷ ମାସରେ ପଡୁଥିବା ଏହି ପୂଜା ୫ ଦିନ ଧରି ପାଳନ କରାଯାଇଥାଏ। ଏଠାରେ ପୂଜା ଦେଖିବାକୁ ଭକ୍ତମାନଙ୍କ ଭିଡ଼ ପ୍ରତ୍ୟେକ ଦିନ ଲାଗିରହିଥିବାବେଳେ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ସହ ପ୍ରସାଦ ସେବନ କରାଯାଇଥାଏ । ମୁଖ୍ୟ ପଣ୍ଡିତ ଉଦ୍ଧବ ଚନ୍ଦ୍ର ଦାଶଙ୍କ ଦ୍ୱାରା କୁରାଳ ମହିମା ପାଠ କରାଯାଇଥାଏ । ଏହି ପୂଜାରେ ସଂକଳ୍ପଧାରୀ ଦଶରଥ ବେହେରାଙ୍କ ସହ କିଶୋର ରାଉଳ, ରଘୁନାଥ ବେହେରା, ଗଦାଧର ବେହେରା, ଜୟଦେବ ବେହେରା, ବାସୁଦେବ ବେହେରା, ବ୍ରହ୍ମାନନ୍ଦ ବେହେରା, ନିତ୍ୟାନନ୍ଦ ବେହେରା, ଅଦ୍ୱୈତ ପ୍ରସାଦ ବେହେରା, ବିଜୟ ରତ୍ନ ବେହେରା, ପରମାନନ୍ଦ ବେହେରା ପ୍ରମୁଖ ଗ୍ରାମବାସୀ ପୂଜା ପରିଚାଳନାରେ ସହଯୋଗ କରିଥିଲେ।

## ୨ବଖରା ଜଳିଗଲା

ଧର୍ମଶାଳା,୧୮।୧୨(ବଟକୃଷ୍ଣ ପରିଡ଼ା) : ଧର୍ମଶାଳା ବ୍ଲକ କୋତପୁର ପଞ୍ଚାୟତ ବ୍ରଜଗିରି ଗ୍ରାମରେ ସୋମବାର ଅପରାହ୍ନ ୩ ଘଟିକାରେ ଚନିଆ ଦଳେଇଙ୍କ ଘରେ ଅଗ୍ନୀକାଣ୍ଡ ଘଟି ୨ବଖରା ପୋଡି ପାଉଁଶ ହୋଇଯାଇଛି । ଚନିଆଙ୍କ ସ୍ତ୍ରୀ ରୋଷେଇ କରୁଥିବା ସମୟରେ ଅଗ୍ନୀକାଣ୍ଡ ଘଟିଥିଲା । ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ଯାଇଛି ବୋଲି ଅଭିଯୋଗ ହୋଇଛି । ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ କରୁଥିଲେ । ଚଣ୍ଡୀଖୋଲ ଦମକଳବାହିନୀ ଆସି ନିଆଁକୁ ଆୟତ କରିଥିଲା । ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତି କ୍ଷୟକ୍ଷତି ଆକଳନ କରିବା ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ରାଧାକୃଷ୍ଣ ଜୀଉ ଠାକୁରବାଡ଼ି ମହାସଂଘର ସାଙ୍ଗଠନିକ ବୈଠକ

ଧର୍ମଶାଳା,୧୮।୧୨(ବଟକୃଷ୍ଣ ପରିଡା):

ଯାଜପୁର ଜିଲା ରାଧାକୃଷ୍ଣ ଜୀଉ ଠାକୁରବାଡ଼ି ମହାସଂଘର ଏକ ସାଙ୍ଗଠନିକ ବୈଠକ ଜାରକା ତ୍ରିନାଥ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁରେନ୍ଦ୍ର ନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମହାସଂଘର ପୁନର୍ଗଠନ ସମ୍ପର୍କରେ ଆଲୋଚନା ହୋଇଥିଲା। ସମ୍ପାଦକ ଜୟନାରାୟଣ ଶତପଥୀ ପ୍ରାରମ୍ଭିକ ସୂଚନା ଦେବା ସହିତ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଜିଲାରେ ହେଉଥିବା ମେଳଣରେ କ୍ରମାଗତ ବଢୁଥିବା ଅପସଂସ୍କୃତିକୁ ରୋକିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ମହାସଂଘ ସମୟକ୍ରମେ ଠାକୁରବାଡ଼ିମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଦିଗରେ କାମ କରିଥିଲା। ଏହି କାର୍ଯ୍ୟଧାରାକୁ ନେଇ ଚାଲିଥିବା ମହାସଂଘର ସାଙ୍ଗଠନିକ ଦୃଢତାକୁ ନଜରରେ ରଖି ଏହାର ପୁନର୍ଗଠନର ଆବଶ୍ୟକତା ସମ୍ପର୍କରେ ପୂର୍ବ ବୈଠକରେ ଆଲୋଚନା ହୋଇଥିଲା। ସେହି କ୍ରମରେ ନୂତନ କାର୍ଯ୍ୟକାରୀ ସଭାପତି ଭାବେ କରୁଣାକର ବରାଳଙ୍କ ନାମ ସର୍ବସମ୍ମତ କ୍ରମେ ବଛା ଯାଇଥିଲା। ଯତୀନ୍ଦ୍ର ମହାନ୍ତି ନୂତନ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଆସନ୍ତା ବର୍ଷ ଠାରୁ ପୂର୍ବ ଭଳି ପ୍ରତିମାସରେ ମହାସଂଘର ବୈଠକ ବିଭିନ୍ନ ଠାକୁରବାଡ଼ିରେ ଆୟୋଜିତ ହେବାକୁ ସ୍ଥିର କରାଯାଇଥିଲା। ୨୦୨୪ର ପ୍ରଥମ ବୈଠକ ଜାନୁୟାରୀ ୧୩ ତାରିଖ ଭାତୁରିପସିରେ ଅନୁଷ୍ଠିତ ହେବ। ମହାସଂଘର ସମସ୍ତ ୮ଟି ଜୋନ୍‌ର ମଧ୍ୟ ଅବଶ୍ୟକତା ଅନୁସାରେ ପୁନର୍ଗଠନ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। କାର୍ଯ୍ୟକାରୀ ସଭାପତି କରୁଣାକର ବରାଳ, ଉପଦେଷ୍ଟା ବ୍ରଜମୋହନ ମହାନ୍ତି, କୈଳାସ ଚନ୍ଦ୍ର ପ୍ରଧାନ, ଉପସଭାପତି ସୂର୍ଯ୍ୟମଣି ପଣ୍ଡା, ସଙ୍ଗଠନ ସମ୍ପାଦକ ସୁବାସ ରାଉତରାୟ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ଉପସଭାପତି ଅମୂଲ୍ୟ କୁମାର ବରାଳ ବୈଠକ ପରିଚାଳନା କରିଥିଲେ।

# କୋରେଇ କୃଷି ବିଭାଗରେ ଅନିୟମିତତା

**ଚାଷୀଙ୍କୁ କୁକୁଡ଼ା ଚିଆଁ ବିତରଣ ନାଁରେ ଲକ୍ଷାଧିକ ଟଙ୍କା ଚଳୁ**

କୋରେଇ,୧୮।୧୨(ଚନ୍ଦ୍ରକାନ୍ତ ପତି)



କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଆତ୍ମା ୨୦୦୫ ମାର୍ଚ୍ଚ ୨୯ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏହାର ୯୦ ପ୍ରତିଶତ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରୁଥିବା ବେଳେ ମାତ୍ର ୧୦ ପ୍ରତିଶତ ରାଜ୍ୟ ସରକାର ବହନ କରନ୍ତି। ଏଗ୍ରିକଲଚରାଲ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ ଏଜେନ୍ସି ( ଆତ୍ମା ) ଯୋଜନା ରାଜ୍ୟରେ କୃଷକ ଗୋଷ୍ଠୀ, ପଞ୍ଚାୟତି ରାଜ ପ୍ରତିଷ୍ଠାନ, ଏନ୍‌ଜିଓ, କୃଷି ବିଜ୍ଞାନ କେନ୍ଦ୍ର (କେଭିକେ) ଏବଂ ଜିଲା ତଥା ଗ୍ରାମସ୍ତରରେ ଥିବା ଅନ୍ୟ ହିତାଧିକାରୀମାନଙ୍କୁ ଏହି କୃଷକ-କେନ୍ଦ୍ର ବିସ୍ତାର ବ୍ୟବସ୍ଥାର ଏକ ଅଂଶ ହେବାକୁ ଉତ୍ସାହିତ କରିଥାଏ। ରାଜ୍ୟ, ଜିଲା ଏବଂ ଗ୍ରାମସ୍ତରରେ ନୂତନ, ସଂରଚନା ଏବଂ କେନ୍ଦ୍ରୀୟ ଅନୁଷ୍ଠାନ ପ୍ରତିଷ୍ଠା କରିବା, ଅଭିନବ ଏବଂ ପ୍ରଭାବଶାଳୀ କାର୍ଯ୍ୟକ୍ଷମ ପ୍ରଣାଳୀ ସହିତ ପୂର୍ବରୁ ବିଦ୍ୟମାନ ବିସ୍ତାର ବ୍ୟବସ୍ଥାକୁ ମଜଭୁତ କରିବା ଏହି ଯୋଜନାର ମୂଳଲକ୍ଷ୍ୟ । ହେଲେ ପରିତାପର ବିଷୟ ଯାଜପୁର ଜିଲା କୋରେଇ ବ୍ଲକରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଆତ୍ମା ମାଧ୍ୟମରେ ଆସୁଥିବା ଅଧିକାଂଶ ଯୋଜନା କୋରେଇରେ ବାଟବଣା ହେଉଥିବା ଅଭିଯୋଗ ହେଉଛି । ଏହି ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଏହାର ଉଦାହରଣ ଦେଖିବାକୁ ମିଳିଛି ।

ରାଜ୍ୟ କୃଷି ବିଭାଗ ମାଧ୍ୟମରେ ଆତ୍ମା ଯୋଜନାରେ ବିଭିନ୍ନ ବ୍ଲକ ଓ ପଞ୍ଚାୟତସ୍ତରରେ ଚାଷୀଙ୍କୁ କୁକୁଡ଼ା ଚିଆଁ, ଖାଦ୍ୟସାମଗ୍ରୀ ଓ ଖାଦ୍ୟପେୟ ପାତ୍ର ଯୋଗାଇଦେବା ନାଁରେ ଲକ୍ଷାଧିକ ଟଙ୍କାର ବିଲ୍ କରାଯାଉଛି। ପରିତାପର ବିଷୟ କୋରେଇ ବ୍ଲକର ୮ ପଞ୍ଚାୟତରେ ଚାଷୀଙ୍କ ଏହି ଅର୍ଥ ଆତ୍ମସାତ୍ କରାଯାଇଛି ବୋଲି ଅଭିଯୋଗ ହୋଇଛି । କୋରେଇ କୃଷି ବିଭାଗ ପକ୍ଷରୁ ଆରଟିଆଇରେ ମିଳିଥିବା ତଥ୍ୟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୨-୨୦୨୩ରେ କୋରେଇ ବ୍ଲକର ଅନ୍ଧାରୀ ପଞ୍ଚାୟତରୁ ୧୦ ଜଣ, ସାଦକପୁରରୁ ୮ ଜଣ, ପାଟରଙ୍ଗାରୁ ୫ ଜଣ, ଗୌରପୁରରୁ ୩ ଜଣ, ତଳଗଡ଼ରୁ ୪ ଜଣ, କନ୍ତୋରରୁ ୫ ଜଣ, କାଚରାସାହିରୁ ୫ ଜଣ ଏବଂ ପାଣିକୋଇଲିରୁ ୧୦ ଜଣଙ୍କୁ ମିଶାଇ ସମୁଦାୟ ୫୦ ଜଣ ଚାଷୀଙ୍କୁ ଆତ୍ମା ଯୋଜନାରେ ମୁଣ୍ଡ ପିଛା ୫୦ଟି ଲେଖାଁଏ କୁକୁଡ଼ା ଚିଆଁ ଏବଂ ୧୦ କିଲୋ ଦାନା ଏବଂ ଖାଦ୍ୟପେୟ ପାଇଁ ଗୋଟିଏ ଲେଖାଏଁ ପ୍ଲାଷ୍ଟିକ ଡାଲା ବିତରଣ କରାଯାଇଥିବା ବେଳେ ଏଥିପାଇଁ ସମୁଦାୟ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ଏହାର ବାସ୍ତବତା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ଥିବା ଆଲୋଚନା ହେଉଛି। ଅନେକ ହିତାଧିକାରୀଙ୍କ ନାମ ଏହି ତାଲିକାରେ ରହିଛି ହେଲେ ସେମାନେ କୃଷି ବିଭାଗ ନିକଟରୁ କିଛି ପାଇ ନ ଥିବା ଅଭିଯୋଗ କରିଛନ୍ତି । ସେମାନଙ୍କ ନାମରେ ଚିଆଁ ଓ ଦାନା ବାବଦରେ ଟଙ୍କା ଉଠାଇ କୃଷି ବିଭାଗର କେତେଜଣ ଅଧିକାରୀ ଆତ୍ମସାତ୍ କରିଥିବା ଅଧିକାଂଶ ହିତାଧିକାରୀ ଅଭିଯୋଗ କରିଛନ୍ତି । ଅନ୍ଧାରୀ ପଞ୍ଚାୟତର ଚାଷୀ ଶଙ୍କର୍ଷଣ ଦାସଙ୍କ କହିବା ମୁତାବକ, ଅନ୍ଧାରୀରୁ ୧୦ ଜଣ ଚାଷୀଙ୍କ ନାମରେ ଟଙ୍କା ଉଠିଥିବା ବେଳେ କେବଳ ୫ ଜଣଙ୍କୁ ମୁଣ୍ଡପିଛା ୨୫ଟି କୁକୁଡ଼ା ଚିଆଁ, ସମୁଦାୟ ୧୦ କେଜି ଦାନା ଦିଆଯାଇଛି। ବାକି ଅର୍ଥ କୃଷି ବିଭାଗର କେତେଜଣ କର୍ମଚାରୀ ହରିଲୁଟ୍ କରିଛନ୍ତି । ପାଟରଙ୍ଗା ପଞ୍ଚାୟତରେ ମଧ୍ୟ ସମାନ ଭାବେ ମୁଣ୍ଡ ପିଛା ୨୫ଟି ଚିଆଁ ମିଳିଛି । ସମୁଦାୟ ୫ ଜଣ ଚାଷୀଙ୍କୁ ୧୨୫ଟି ଚିଆଁ ଏବଂ ୧୦ କେଜି ଦାନା ଦିଆଯାଇଛି । ସେହିପରି କାଚରାସାହିରେ ମଧ୍ୟ ଅଧିକାଂଶ ଚାଷୀଙ୍କ ନାମରେ ଟଙ୍କା ଉଠାଯାଇଥିଲେ ମଧ୍ୟ କୋରେଇ କୃଷି ବିଭାଗ ପକ୍ଷରୁ କୌଣସି ଚିଆଁ ପ୍ରଦାନ କରାଯାଇନାହିଁ। ସରକାର ବାର୍ଷିକ ଚାଷୀଙ୍କ ପାଇଁ ମୁଣ୍ଡପିଛା ୫୦ଟି ଚିଆଁ ଏବଂ ୧୦ କେଜି ଲେଖାଏଁ ଦାନା ଦେଉଥିବା ବେଳେ ବାସ୍ତବରେ ଏହା ଲୋକଙ୍କ ନିକଟରେ ନ ପହଞ୍ଚି ବାଟମାରଣା ହେଉଥିବା କାଚରାସାହି ସରପଞ୍ଚ ଗୌରୀଶଙ୍କର ମହାପାତ୍ର କହିଛନ୍ତି । ଏହିପରି ଢଙ୍ଗରେ ଆତ୍ମା ଯୋଜନାରେ କୋରେଇ କୃଷି ବିଭାଗର କେତେଜଣ ଅଧିକାରୀ ବାର୍ଷିକ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରୁଥିବା ବିଭିନ୍ନ ପଞ୍ଚାୟତରୁ ଅଭିଯୋଗ ଆସିଛି। ଏନେଇ କୋରେଇ କୃଷି ବିଭାଗର ଅଧିକାରିଣୀ କବିତା ବେହେରାଙ୍କୁ ପଚାରିବାରେ ହିତାଧିକାରୀଙ୍କ ସଂଖ୍ୟା ଅଧିକା ଥିବାରୁ ସେ ମୁଣ୍ଡପିଛା ୨୫ଟି ଲେଖାଏଁ ଚିଆଁ ଦେବା ସହ ସମାନ ଅନୁପାତରେ ଦାନା ଦେଇଛନ୍ତି ବୋଲି ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ବାର୍ଷିକ ଆତ୍ମା ଯୋଜନାରେ ବିପୁଳ ଅର୍ଥ ଆତ୍ମସାତ କରାଯାଉଥିବା ବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ବାସ୍ତବ ସତ୍ୟ ପଦାକୁ ଆସିବ ବୋଲି ଅନେକ ହିତାଧିକାରୀ କହିଛନ୍ତି ।

## ମା'ଅଲେଇଶୁଣିଙ୍କ ବାର୍ଷିକୋତ୍ସବ ପାଇଁ ପ୍ରସ୍ତୁତି

ପାଣିକୋଇଲି,୧୮।୧୨(ବିକାଶ କୁମାର ମଲ୍ଲିକ)



କୋରାଇ ବ୍ଲକ ଗୋଳେଇପୁର ପଞ୍ଚାୟତର ସୋତି,ସିଙ୍ଗଡ଼ା ଗ୍ରାମ ସମେତ ଜହ୍ନା ପଞ୍ଚାୟତର ନରପଦ। ଗ୍ରାମର ଦେବୀ ମା'ଅଲେଇଶୁଣୀଙ୍କ ୮ମ ବାର୍ଷିକୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ମକର ସଂକ୍ରାନ୍ତି ଦିନ ଠାରୁ ମା'ଙ୍କ ପୂଜାର୍ଚ୍ଚନା ସହିତ ଅଖଣ୍ଡ ନାମଯଜ୍ଞ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ୫ ଦିନ ଧରି ଚାଲିବ। ସୋତି ଗ୍ରାମର ଗୋପାଳ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ସଭାପତି ପ୍ରୀତି ରଞ୍ଜନ ସାହୁ, ଉପସଭାପତି ଚନ୍ଦ୍ରକାନ୍ତ ଖଣ୍ଡାଇ,ସମ୍ପାଦକ ପ୍ରଦୀପ କୁମାର ଖଣ୍ଡାଇ,ସହ ସମ୍ପାଦକ ସୋମନାଥ ସାହୁ,କୋଷାଧକ୍ଷ ନିତ୍ୟାନନ୍ଦ ଦାଶ,ସାଂସ୍କୃତିକ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା,ମିଡ଼ିଆ ସଂଯୋଜକ ତାରିଣୀ କୁମାର ପଟ୍ଟନାୟକଙ୍କ ସମେତ ସଦସ୍ୟ ରବିନ୍ଦ୍ର ସେଠୀ,କୀର୍ତ୍ତନ ମହାପାତ୍ର,ସତ୍ୟାନନ୍ଦ ମହାପାତ୍ର, ପ୍ରଦୀପ ସାମଲ, ପ୍ରଫୁଲ୍ଲ ମାଝୀ, ଶତ୍ରୁଘ୍ନ ସାହୁ, ଅଇଁଠୁ ନାୟକ, ମନୋଜ ନାୟକ, ସୁଶାନ୍ତ ବୋଇତେଇ, କାଳିନ୍ଦୀ ବାହାଲିଆ, ବଳରାମ ସେଠୀ ପ୍ରମୁଖ ଯୋଗଦାନ କରିଥିଲେ। ବିଶ୍ୱରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ନିଆଁ ଲାଗି ପାଚିଲା ଧାନ ପୋଡ଼ିଗଲା

ପାଣିକୋଇଲି,୧୮।୧୨(ବିକାଶ କୁମାର ମଲିକ):

ଯାଜପୁର ଜିଲା ବ୍ୟାସନଗର ତହସିଲ ତଥା ପାଣିକୋଇଲି ରାଜସ୍ୱ ସର୍କଲ ଅନ୍ତର୍ଗତ ମଣିପୁର ମୌଜାରେ ସୋମବାର ନିଆଁ ଲାଗି ୧୦ ଏକର ଜମିର ଧାନ ଫସଲ ଜଳିଯାଇଯାଇଛି । ସେଥିରୁ ପ୍ରାୟ ଏକରରୁ ଉର୍ଦ୍ଧ୍ୱ ବିଲରେ ଥିବା ପାଚିଲା ଧାନ ଜଳି ପାଉଁଶ ହୋଇଯାଇଛି। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି ।

ସୂଚନା ଅନୁଯାୟୀ, ଗୋଳେଇପୁର ପଞ୍ଚାୟତର ସୋତି ଗ୍ରାମର ରାଜେଶ ଦଳାଇ ନିଜର ଏ୧.୦୫ ଡ଼ିସିମିଲ ଜମିରେ ସମବାୟ ସମିତିରୁ ଋଣ ଓ ହାତ ଉଧାରି କରି ଧାନ ଚାଷ କରିଥିଲେ। ରାଜେଶଙ୍କ ଜମି ପାଖରେ ଥିବା ଅନ୍ୟ ଚାଷୀମାନଙ୍କ ଜମିରୁ ମେଶିନରେ ଧାନକଟା ଚାଲିଥିଲା। ମଙ୍ଗଳବାର ରାଜେଶ ଧାନ କାଟିବେ ବୋଲି ସ୍ଥିର କରିଥିଲେ। ତେବେ କୌଣସି କାରଣରୁ ରାଜେଶଙ୍କ ଜମି ପୂର୍ବରୁ ଧାନ କଟାଯାଇଥିବା ଅନ୍ୟ ବିଲରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ । ତାହା କ୍ରମଶଃ ମାଡ଼ିଯାଇଥିଲା। ଫଳରେ ଧାନ କଟା ସରିଥିବା ପାଖାପାଖି ୧୦ ଏକରରୁ ଉର୍ଦ୍ଧ୍ୱ ବିଲରେ ପଡ଼ି ରହିଥିବା ନଡ଼ାରେ ନିଆଁ ଲାଗି ପୋଡ଼ିଯାଇଥିଲା । ଏଥି ସହିତ ରାଜେଶଙ୍କ ବିଲରେ କଟାଯାଇ ନ ଥିବା ପାଚିଲା ଧାନ ପୋଡ଼ି ପାଉଁଶ ହୋଇଯାଇଥିଲା। ତେବେ ସିଙ୍ଗଡ଼ା ଓ ସୋତି ଗ୍ରାମବାସୀ ମିଳିତ ଭାବେ ପୋଖରୀରୁ ପାଣି ଆଣି ନିଆଁକୁ ଆୟତ କରିଥିଲେ। ଖବର ପାଇ ଯାଜପୁର ରୋଡ଼ ଅଗ୍ନିଶମ ବାହିନୀ ଆସି ପହଞ୍ଚିଥିଲା। ଏ ନେଇ ପାଣିକୋଇଲି ରାଜସ୍ୱ ନିରୀକ୍ଷକ ସୁଧିର ରଞ୍ଜନ ମଲିକ କହିଛନ୍ତି, ମଙ୍ଗଳବାର କ୍ଷେତ୍ର ପରିଦର୍ଶନ କରିବା ଲାଗି ଯିବେ । ଏହାପରେ କ୍ଷତିପୂରଣ ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ। ତେବେ ରାଜେଶ ଜଣେ କ୍ଷୁଦ୍ର ଚାଷୀ ହୋଇଥିବା ବେଳେ ତାଙ୍କୁ କ୍ଷତିପୂରଣ ପ୍ରଦାନ କରିବା ସହିତ ଋଣ ଛାଡ଼ କରିବା ଲାଗି ଗ୍ରାମବାସୀ ଦାବି କରିଛନ୍ତି।



ପୋଡ଼ିଯାଇଥିବା ପାଚିଲା ଧାନ କ୍ଷେତ ।

## ଚୁଲି ନିଆଁରୁ ଅଗ୍ନିକାଣ୍ଡ, ମହିଳା ଆହତ

ରସୁଲପୁର,୧୮।୧୨(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଗନ୍ଧଣ ପଞ୍ଚାୟତ ବ୍ରାହ୍ମଣ ନରସିଂହପୁର ଗ୍ରାମରେ ସୋମବାର କନକଲତା ସାହୁଙ୍କ ବାସଗୃହ ଜଳିଯାଇଛି। ରୋଷେଇ ବେଳେ ଚୁଲି ନିଆଁରୁ ଝୁଲ ଉଡି ଘର ମଥାଣରେ ନିଆଁ ଲାଗିଯାଇଥିଲା । ଉକ୍ତ ଅଗ୍ନିକାଣ୍ଡରେ ଘରର ଆସବାସପତ୍ର, ଧାନଚାଉଳ ଆଦି ପୋଡି ପାଉଁଶ ହୋଇଯାଇଛି । ନିଆଁ ଲିଭାଇବା ଓ ଘରେ ଥିବା ସାମଗ୍ରୀ ଉଦ୍ଧାର କରୁଥିବା ବେଳେ ନିଆଁଧାସରେ ସୀତା ସାହୁ ନାମକ ଜଣେ ମହିଳା ଆହତ ହୋଇଛନ୍ତି । ରସୁଲପୁର ଦମକଳ ବାହିନୀ ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଥିବା ଅଭିଯୋଗ ହେଉଛି । ରାଜସ୍ୱ ନିରୀକ୍ଷକ ମୋନାଲିସା ସାହୁ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ଯୋଗାଇ ଦେଇଛନ୍ତି । ମଙ୍ଗଳବାର ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କ୍ଷୟକ୍ଷତିର ଆକଳନ କରାଯିବ ।

## ୧୮୮ ଅଭିଯୋଗର ତତ୍କାଳ ସମାଧାନ



ଶିବିରରେ ଜଣେ ମହିଳା ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି ।

**ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର**

ବଡ଼ଚଣା/ଚଣ୍ଡୀଖୋଲ,୧୮।୧୨
(ଦିଲୀପ କୁମାର ମହାନ୍ତି/ପ୍ରଦୀପ୍ତ ପୃଷ୍ଟି)

ସୋମବାର ଯାଜପୁର ଜିଲା ବଡ଼ଚଣା ପଞ୍ଚାୟତ ସମିତି ଦକ୍ଷତା ବିକାଶ ଗୃହରେ ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୨୧୯ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିରୁ ବ୍ୟକ୍ତିଗତ ୨୭, ସାମୁହିକ ୪ ଓ ମୁଖ୍ୟମନ୍ତ୍ରୀ ରିଲିଫ ପଣ୍ଡ ପାଇଁ ୮୮, ରେଡ଼କ୍ରସ ପାଇଁ ୧୦୦ଟି ଆବେଦନ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୮୮ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ଅଭିଯୋଗ ଶୁଣାଣୀ ଶିବିରରେ ଯାଜପୁର ଆରକ୍ଷୀ ଅଧୀକ୍ଷକ ଭିନିତ ଅଗ୍ରୱାଲ୍, ଏଡିଏମ୍ ଶୁଭେନ୍ଦୁ କୁମାର ସାମଲ(ରାଜସ୍ୱ), ଏଡିଏମ୍ ନବକିଶୋର ଜେନା(ସାଧାରଣ), ସିଡିଓ ଅଶୋକ କୁମାର ବେହୁରିଆ, ଉପଜିଲାପାଳ ଗୋପିନାଥ କୁଅଁର, ଲକ୍ଷ୍ମୀପ୍ରିୟା ଦାଶ, ବଡ଼ଚଣା ବିଡିଓ ରବିନ୍ଦ୍ର କୁମାର ପ୍ରଧାନ, ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ସିଡିଏମ୍‌ଓ ଡାକ୍ତର ଏସ୍.ପି.ସାହୁ, ପିଡି ପ୍ରଦୀପ କୁମାର ପଟ୍ଟନାୟକ ସମେତ ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଓ ଆବେଦନପତ୍ର ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଶାଳପଡ଼ା ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ପଦ ପାଇଁ ନିଯୁକ୍ତିରେ ଅନିୟମିତତା ଅଭିଯୋଗକରି ନୟନୀ ମହାନ୍ତି ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ସେ ଜିଲା ଶିଶୁମଙ୍ଗଳ ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ ।

## ସୋତିରେ ଲକ୍ଷ୍ମୀନାରାୟଣ ପୂଜା

ପାଣିକୋଇଲି,୧୮।୧୨(ବିକାଶ କୁମାର ମଲିକ)

କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ସୋତି ଗ୍ରାମରେ ଚଳିତ ବର୍ଷ ନବମ ବାର୍ଷିକ ଲକ୍ଷ୍ମୀ ନାରାୟଣ ପୂଜା ମହାସମାରୋହରେ ପାଳିତ ହୋଇଛି । ପୂଜକଭାବେ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା,କାର୍ତ୍ତିକ ଚନ୍ଦ୍ର ପଣ୍ଡା ଓ ସହଯୋଗୀ ଭାବେ ବିନାୟକ ପଣ୍ଡା ପୂଜା ସମ୍ପନ୍ନ କରିଥିଲେ। କର୍ତ୍ତା ଭାବେ ଦିଗମ୍ବର ନାୟକ ଓ ଅନ୍ନପୂର୍ଣ୍ଣା ନାୟକ ଯୋଗଦାନ କରିଥିଲେ । ବିଧି ଅନୁଯାୟୀ କଳସ ବୁଡ଼ା ପରେ ସମସ୍ତ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମୂହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଏହି ପୂଜାରେ ଗ୍ରାମବାସୀ ସହଯୋଗ କରିଥିଲେ ।



ଗୋଳେଇପୁର ପଞ୍ଚାୟତର ସୋତି ଗ୍ରାମରେ ଲକ୍ଷ୍ମୀନାରାୟଣଙ୍କୁ ପୂଜାର୍ଚ୍ଚନା କରାଯାଉଛି।

## ଜେନାପୁର ଡିଗ୍ରୀ କଲେଜରେ ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଯୁବ ଓଡ଼ିଶା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀମାନେ ।

ଜେନାପୁର,୧୮।୧୨(ଅଶୋକ ଦାସ):

ଧର୍ମଶାଳା ବ୍ଲକ୍ ଜେନାପୁର ଡିଗ୍ରୀ କଲେଜ ପରିସରରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଚିତ୍ତରଞ୍ଜନ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡିଗ୍ରୀ କଲେଜ ପରିଚାଳନା କମିଟିର ସଭାପତି ଅଶୋକ କୁମାର ସାହୁ, ସମ୍ମାନିତ ଅତିଥି ଜେନାପୁର ପଞ୍ଚାୟତ ବିଜେଡି ସଭାପତି ଦିଲୀପ କୁମାର ବରାଳ ଯୋଗଦେଇ ସରକାରଙ୍କ ଏହି କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ ସହିତ କ୍ରୀଡ଼ା, କଳା, ଓ ସାମାଜିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ନୋଡାଲ ଅଫିସର ଦାମୋଦର ପଣ୍ଡା, ପିଇଟି ଶଙ୍କର୍ଷଣ ଦୋରା, କଳା ସଂସ୍କୃତି ଅଧିକାରୀ ପ୍ରକାଶ ଚନ୍ଦ୍ର ରଥ, ଚିତ୍ତରଞ୍ଜନ ଜେନା, ଅଧାପିକା ନନ୍ଦିତା ଦୋରା, ଦେବସ୍ମିତା ଦାସ, ହରେକୃଷ୍ଣ ପାଳ, ବିରଜାଶଙ୍କର ରାଉତଙ୍କ ସମେତ କଲେଜର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ଶିଶୁ ମହୋତ୍ସବ-୨୦୨୩ ଉଦ୍‌ଯାପିତ

କାଳିଆପାଣି,୧୮।୧୨(ଅସିତ୍ ମହାନ୍ତ):

ଯାଜପୁର ଜିଲା ସୁକିନ୍ଦା ବ୍ଲକ ପିମ୍ପୁଡ଼ିଆ ପତିତପାବନ ଉଚ୍ଚ ବିଦ୍ୟାଳୟରେ ରବିବାର ୪୦ତମ ଶିଶୁ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ସୁକିନ୍ଦା ଓଷ୍ଟା ବ୍ଲକ ସଙ୍ଗଠନ ପକ୍ଷରୁ ଆୟୋଜିତ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ ଦକ୍ଷତା ବିକାଶ ମନ୍ତ୍ରୀ ଇଂ.ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥି, ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ଚନ୍ଦ୍ର ଦାସ , ଶିକ୍ଷକ ବିକ୍ରମ କୁମାର ଦାସ, ନିର୍ମଳ କୁମାର ଜେନା, ଯୁଗପ୍ରଭା ସାବତ, ଓଷ୍ଟା ସମ୍ପାଦକ ରମେଶ ଚନ୍ଦ୍ର ବେହେରା, ରବିନାରାୟଣ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଶିକ୍ଷକ ପ୍ରଭାକର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଞ୍ଜୟ କୁମାର ସାହୁ ବିବରଣୀ ପାଠ କରିଥିଲେ ।

ପୂର୍ବାହ୍ନ କାର୍ଯ୍ୟକ୍ରମରେ ଅମୂଲ୍ୟ କୁମାର ଦାସ ସଭାପତିତ୍ୱ କରିଥିଲେ । ଓଷ୍ଟାର କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ମୁଖ୍ୟବକ୍ତା, ଓଷ୍ଟାର ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ଏକାଗ୍ରତା ଓ ଧୈର୍ଯ୍ୟର ସହ କାର୍ଯ୍ୟ କଲେ ସଫଳତା ମିଳିପାରିବ ବୋଲି କହିଥିଲେ । ଦୁଇଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମରେ ତର୍କ, ସଙ୍ଗୀତ, ଚିତ୍ରାଙ୍କନ, କବିତା ରଚନା, ଗଳ୍ପ ଲିଖନ, କବିତା ଆବୃତ୍ତି, ସାଧାରଣ ଜ୍ଞାନ, କୁଇଜ, ଏକକ ଅଭିନୟ, ଏକକ ନୃତ୍ୟରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ପ୍ରତ୍ୟେକ ବିଭାଗ ପ୍ରଥମ ସ୍ଥାନ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରୀୟ ଓଷ୍ଟା ଶିଶୁ ଉତ୍ସବରେ ଯୋଗଦେବେ ବୋଲି ଘୋଷଣା କରାଯାଇଥିଲା । ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମନ୍ତ୍ରୀ ଇଂ. ଘଡ଼ାଇ ମୁଖ୍ୟ ଅତିଥି, ଓଷ୍ଟାର କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ବିକ୍ରମ କୁମାର ଦାସ, ନାରାୟଣ ଚନ୍ଦ୍ର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ୨୦୨୩ ମାଟ୍ରିକ ପରୀକ୍ଷାରେ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶ୍ରେୟାଶ୍ରୀ ଜେନାଙ୍କୁ ଓଷ୍ଟା ପକ୍ଷରୁ ନାଗରିକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସାମାଜିକ କର୍ମୀ ବିଶ୍ୱଜିତ୍ ମହାନ୍ତି, ଆଶିଷ କୁମାର ଜେନା, ଯୁବ ଖବରଦାତା ମଧୁପ ରଞ୍ଜନ ନନ୍ଦ, ୩୭ ନଂ. ଜୋନ ଜିଲା ପରିଷଦ ସଭ୍ୟା ଜେମା ଚାଖିଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।



ଶିଶୁ ମହୋତ୍ସବରେ ଜଣେ କୃତୀ ଛାତ୍ରୀଙ୍କୁ ମନ୍ତ୍ରୀ ଟ୍ରଫି ପ୍ରଦାନ କରୁଛନ୍ତି ।

# ସମନ୍ୱିତ କୃଷି, ଜୈବିକ ସାର ଉପରେ ଗୁରୁତ୍ୱ

ଜଗତ୍‌ସିଂହପୁର, ୧୮।୧୨
(ପ୍ରମୋଦ କୁମାର ନାୟକ)


ବିଧାୟକ ରଘୁନନ୍ଦନ ଦାଶ ଷ୍ଟଲ୍ ବୁଲି ଦେଖୁଛନ୍ତି।

ଚାଷୀ ଧାନ ସହ ଅର୍ଥକାରୀ ଫସଲ, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀପାଳନ ଉପରେ ଅଧିକ ଧ୍ୟାନ ଦେଲେ ଆର୍ଥିକ ମେରୁଦଣ୍ଡ ଶକ୍ତ ହୋଇପାରିବ। ବିଶେଷକରି ସମନ୍ୱିତ ଚାଷ ଉପରେ ଗୁରୁତ୍ୱ ଦେବା ଉଚିତ। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ପୂର୍ବତନ ମନ୍ତ୍ରୀ ତଥା ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ ଯୋଗଦେଇ ଏହା କହିଛନ୍ତି। ସେ ଏକଥା ମଧ୍ୟ କହିଥିଲେ, ଜଗତ୍‌ସିଂହପୁର ଜିଲା ଚାଷ କ୍ଷେତ୍ରରେ ଆଗୁଆ। ଜିଲାର ବିରିଡ଼ି ବ୍ଲକ ମିଲେଟ ଉତ୍ପାଦନରେ ସ୍ୱତନ୍ତ୍ର ପରିଚୟ ପାଇଛି। ଦୁଗ୍ଧ ଉତ୍ପାଦନରେ ଓଡ଼ିଶାର ୧ ନମ୍ବର ଜିଲା ଭାବେ ଜଗତ୍‌ସିଂହପୁର ସୁନାମ ଅର୍ଜନ କରିପାରିଛି। ଏବେ ଚାଷୀ ଜୈବିକ ସାରର ପ୍ରୟୋଗ କରିବା ଜରୁରୀ। ଏଥିସହ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସୁବିଧାର ଲାଭ ଉଠାଇବା ଉଚିତ। ଆଧୁନିକ ଯନ୍ତ୍ରପାତିର ବ୍ୟବହାର କରି ଜିଲାର ନାଁକୁ ଦେଶରେ ପରିଚିତ କରିବାକୁ ଦାସ ଉତ୍ସାହିତ କରିଥିଲେ। ଶେଷରେ ଷ୍ଟଲଗୁଡ଼ିକ ବୁଲି ଅନେକ କଥା ବୁଝିବାକୁ ଚେଷ୍ଟା କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ମଦୁଲି ଯୋଗଦେଇ କହିଥିଲେ, ଏଫ୍‌ସିଆଇକୁ ଧାନ ଯୋଗାଣରେ ଓଡ଼ିଶା ୧ ନମ୍ବର ରାଜ୍ୟ ଭାବେ ଏକାଧିକ ଥର କୃଷି କର୍ମଣ ପୁରସ୍କାର ପାଇଛି। କୃଷି କ୍ଷେତ୍ରରେ ଯାନ୍ତ୍ରିକୀକରଣ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲା ହୋଇଥିଲେ ମଧ୍ୟ ତାଳଦଣ୍ଡା, ମାଛଗାଁ କେନାଲ ସହ ଦେବୀ ଓ ମହାନଦୀ ଯୋଗୁ ଜଗତ୍‌ସିଂହପୁର ଜଳସେଚନ ସୁବିଧା ପାଉଛି। ଯେଉଁ କାରଣରୁ ଶସ୍ୟ, ଗୋପାଳନ ଓ କୁକୁଡ଼ା ପାଳନ ଆଦି କ୍ଷେତ୍ରରେ ଜିଲା ଉଲ୍ଲେଖନୀୟ ସଫଳତା ହାସଲ କରିପାରୁଛି। ଜିଲାବାସୀ ଉନ୍ନତ ଯନ୍ତ୍ରପାତି ବ୍ୟବହାର କଲେ ଅଧିକ ଲାଭବାନ ହେବେ ବୋଲି ସେ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ଜୈବିକ ସାରର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ କୃଷି ଓ କୃଷକଙ୍କ ଉନ୍ନତି କାମନା କରିଥିଲେ। ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ, ବିକ୍ରୟ, ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ଆର୍ଥିକ ସହାୟତା, ସଚେତନତା, ମହିଳା ଏସ୍‌ଏଚ୍‌ଜିଙ୍କ ପାଇଁ ବିଶେଷ ରିହାତି ଏବଂ ବିକ୍ରୟ ବ୍ୟବସ୍ଥା, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି କିଣା ପାଇଁ ଋଣର ବ୍ୟବସ୍ଥା, ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରଣୀ ତତ୍କାଳ ବୁକିଂ ବ୍ୟବସ୍ଥା ଆଦି କରାଯାଇଥିବା କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କୃଷି ଅଧିକାରୀ ପ୍ରଭାସ ଚନ୍ଦ୍ର ପଣ୍ଡା, ତିର୍ତ୍ତୋଲ ବ୍ଲକ ଆତ୍ମା ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ମଲ୍ଲିକ, ସମସ୍ତ ବ୍ଲକ କୃଷି ଅଧିକାରୀ ତଥା ସହକାରୀ କୃଷି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବାସ୍ତବରେ କିନ୍ତୁ ଏହା କେବଳ ଔପଚାରିକତା ପାଇଁ ଥିବା ଅନୁଭବ ହୋଇଥିଲା। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ଚାଷୀ ପ୍ରତିକ୍ରିୟାରେ କହିଛନ୍ତି ବାସ୍ତବରେ ମେଳାର ଆଭିମୁଖ୍ୟ କଣ ଏବଂ କି ପ୍ରକାର ସୁବିଧା, ସୁଯୋଗ ରହିଛି ତାହା ସେମାନେ ଜାଣିନାହାନ୍ତି। ଏଥିସହ ଯେଉଁସବୁ ଯନ୍ତ୍ରପାତି ଆସିଛି ତାହା ସନ୍ତୋଷଜନକ ନୁହେଁ। ଯେଉଁ କାରଣରୁ ମେଳାରେ ଚାଷୀ ସମାବେଶ ହୋଇ ନ ଥିଲା। ଏପରିକି କିଛି ଷ୍ଟଲ ଫାଙ୍କା ପଡିଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ମେଳାର ଦ୍ୱିତୀୟ ଦିନରେ ଚାଷୀଙ୍କ ସନ୍ତୋଷଜନକ ଆଗମନ ହେଉଛି କି ନାହିଁ ତାହା ଦେଖିବା ବାକିରହିଲା। କାର୍ଯ୍ୟକ୍ରମରେ ଦେବବ୍ରତ ଦାସ ମହାପାତ୍ର ଅତିଥି ପରିଚୟ ଓ କୃଷି ଜିଲା ଅଧିକାରୀ ନବ କିଶୋର ମହାପାତ୍ର ଧନ୍ୟବାଦ ଦେଇଥିଲେ।

**ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା**

- ଦେଖିବାକୁ ମିଳିଲାନି ଆକର୍ଷଣୀୟ ଆଧୁନିକ ଯନ୍ତ୍ରପାତି
- ବ୍ୟାପକ ପ୍ରଚାରପ୍ରସାର ହୋଇ ନ ଥିବାରୁ ଚାଷୀ ଅସନ୍ତୁଷ୍ଟ
- କିଛି ଷ୍ଟଲ ଫାଙ୍କା ପଡ଼ିଛି

# 'ଜନସାଧାରଣଙ୍କ ସହଯୋଗ ବିନା ପୋଲିସ କ୍ଷମତାଶାଳୀ ହୋଇପାରିବନି'



ଆମ ପୋଲିସ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପୋଲିସ ଅଧିକାରୀ ଓ ଅନ୍ୟମାନେ।

**ଆମ ପୋଲିସ କାର୍ଯ୍ୟକ୍ରମ**

କୁଜଙ୍ଗ, ୧୮।୧୨ (ମନୋଜ ପ୍ରଧାନ)

ଏରସମା ବ୍ଲକ କୁଜଙ୍ଗ ଥାନା ବଳେଇପୁର ପଞ୍ଚାୟତ ଅନ୍ତର୍ଗତ ନଳକଣି ଗ୍ରାମରେ ସୋମବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାଦେବ ମନ୍ଦିର ପ୍ରାଙ୍ଗଣରେ ଆମ ପୋଲିସ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାସ ଯୋଗଦେଇ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଦୂରତା ଅଛି ବୋଲି ଭାବିବା ଠିକ୍ ନୁହେଁ । ପ୍ରଥମେ ପୋଲିସ ଜଣେ ମଣିଷ । ଜନସାଧାରଣଙ୍କ ସହଯୋଗ ବିନା ପୋଲିସ କ୍ଷମତାଶାଳୀ ହୋଇପାରିବ ନାହିଁ। ବାସ୍ତବରେ ପୋଲିସ ହାତରେ କିଛି କ୍ଷମତା ନାହିଁ। ସବୁ କ୍ଷମତା ଲୋକମାନଙ୍କ ହାତରେ । ସାମ୍ବିଧାନିକ ବିଧିବ୍ୟବସ୍ଥା ଓ ଆଇନ କାନୁନର ରକ୍ଷକ ଭାବେ ଏକ ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ପୋଲିସ ସବୁ ସମୟରେ ସଜାଗ ଥିଲାବେଳେ ଏଥିରେ ଜନସାଧାରଣଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି କହିଥିଲେ । ସେ ଆହୁରି କହିଥିଲେ, ନିଶା କବଳରେ ପଡ଼ି ଯୁବ ସମାଜ ଛଟପଟ ହେଉଛି । ତେଣୁ ଗାଁ ଗଣ୍ଡାରେ ନିଶା କାରବାର ରୋକିବାରେ ଜନସାଧାରଣ ପୋଲିସର ବନ୍ଧୁ ହୋଇ ସହଯୋଗର ହାତ ବଢ଼ାନ୍ତୁ। ସରପଞ୍ଚଙ୍କ ପ୍ରତିନିଧି ଅରୁଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆମ ପୋଲିସ କାର୍ଯ୍ୟକ୍ରମରେ ସବ୍‌ଇନ୍ସପେକ୍ଟର ସୌଦାମିନୀ ପଣ୍ଡା, ବରିଷ୍ଠ ନାଗରିକ ତଥା ଶିକ୍ଷାବିତ ନିଶାକର ମୁଦୁଲି, ଶିକ୍ଷକ ନେତା ଲୋକନାଥ ମହାନ୍ତି, ଫିରୋଜ ଗୋଚ୍ଛାୟତ ଯୋଗଦେଇ ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା।

# ୨୬ରୁ ଆନ୍ଦୋଳନ ନିଷ୍ପତ୍ତି

**ଲୁହାପଥର ବୋଝେଇ ଟ୍ରକ୍ ଭଡା ନିରୁପଣ ବିଳମ୍ବକୁ ନେଇ ଅସନ୍ତୋଷ**

ପାରାଦୀପ, ୧୮।୧୨ (ଶରତ ରାଉତ)

ପାରାଦୀପର ୩ ଟ୍ରକ ମାଲିକସଂଘକୁ ନେଇ ଗଠିତ ଜେସିସି (ଜଏଣ୍ଟ କୋଅର୍ଡିନେଶନ କମିଟି)ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ୩ ଟି ବୃହତ୍ ଟ୍ରକ ମାଲିକ ସଂଘ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଯଥା ଲୁହାପଥର ବୋଝେଇ ଟ୍ରକର ଭଡ଼ା ମୂଲ୍ୟ ନିର୍ଦ୍ଧାରଣ ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି। ଏହା କାର୍ଯ୍ୟକାରୀ ନ ହେଲେ ଡିସେମ୍ବର ୨୬ ରୁ ରାଜପଥ କଡ଼ରେ ଆନ୍ଦୋଳନ କରାଯିବ ବୋଲି ଜେସିସି ଅଧ୍ୟକ୍ଷ ସୁମନ୍ତ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। ପାରାଦୀପର ୩ ଟ୍ରକ ମାଲିକସଂଘ ହେଲେ ପାରାଦୀପ ଟ୍ରକ ମାଲିକସଂଘ, ଜଗନ୍ନାଥ ଟ୍ରକ ମାଲିକସଂଘ ଓ ଜଗତସିଂହପୁର ଜିଲା ଟ୍ରକ ମାଲିକସଂଘ। ଏହି ୩ ସଂଘରେ ପ୍ରାୟ ୧୨ ହଜାରରୁ ଅଧିକ ଟ୍ରକ୍ ଥିବାବେଳେ ଏଗୁଡ଼ିକ ଜରିଆରେ ଲୁହାପଥର ପରିବହନ ହେଉଛି। ବିଗତ ଦିନରେ ଏହି ୩ ସଂଘ କର୍ମକର୍ତ୍ତା ନିଜର ଗାଡି ସଂଖ୍ୟା ବଢ଼ାଉଥିବା ବେଳେ ଅଧିକ ସଭ୍ୟ ଗ୍ରହଣ କରୁ ନ ଥିଲେ। ଏହାକୁ ନେଇ ଏକାଧିକ ବାର ବିବାଦ, ରାସ୍ତା ଅବରୋଧ, ଥାନା ଓ କୋର୍ଟରେ ମାମଲା ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ମତେ ଅନ୍ୟ ସଂଘ ଗାଡି ଏବେ ଲୁହାପଥର ପରିବହନ କରୁଛନ୍ତି। ଗତ ସେପ୍ଟେମ୍ବରରେ ଲୁହାପଥର ବୋଝେଇ ଟ୍ରକ ଭଡ଼ା ୬ ମାସରେ ନିର୍ଦ୍ଧାରଣ କରିବା ପାଇଁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଇତିମଧ୍ୟରେ ୩ ମାସ ବିତିଯାଇଥିଲେ ମଧ୍ୟ ପ୍ରଶାସନ ଏ ସମ୍ପର୍କରେ କୌଣସି ଆଲୋଚନା କରି ନ ଥିବାରୁ ୩ ଟ୍ରକ୍‌ମାଲିକ ସଂଘର ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏନେଇ ପ୍ରତୀକାତ୍ମକ ଆନ୍ଦୋଳନ କରାଯିବ ବୋଲି ଜେସିସି ସଂଯୋଜକ ଛଇଳଚନ୍ଦ୍ର ଜେନା କହିଛନ୍ତି।

# ପେଣ୍ଟ ପାଖ ସମୁଦ୍ରରେ ସମୀକ୍ଷା କଲେ ସେଲିଂ ବିଶେଷଜ୍ଞ


ସମୁଦ୍ରରେ ଜଳକ୍ରୀଡ଼ା ଅଭ୍ୟାସ କରାଯାଉଛି।

**ଜଳକ୍ରୀଡ଼ା ଜରିଆରେ ଅଭ୍ୟାସ**

ପାରାଦୀପ, ୧୮।୧୨ (ଶରତ ରାଉତ)

କେନ୍ଦ୍ରାପଡ଼ା ଜିଲା ରାଜନଗର ପେଣ୍ଟ ପାଖ ସମୁଦ୍ରରେ ସୋମବାର ଆନ୍ତର୍ଜାତିକ ସ୍କୁବା ଡାଇଭର ଜଳକ୍ରୀଡ଼ା କରିବା ସହ ଭିତ୍ତିଭୂମି ଦେଖିଛନ୍ତି। ମଙ୍ଗଳବାର ଉକ୍ତ ଟିମ୍ ପାରାଦୀପ ମହାନଦୀ ମୁହାଣ ଅଞ୍ଚଳରେ ସମାନ ଭାବେ ସ୍ଥିତି ଅନୁଧ୍ୟାନ କରିବେ ବୋଲି ସ୍କୁବା ଡାଇଭର ସବୀର ବକ୍ସ ସୂଚନା ଦେଇଛନ୍ତି। ୪ ଜଣିଆ ଟିମ୍‌ରେ ବକ୍ସଙ୍କ ସହ ଜାତୀୟ କୋଚ୍ ପୁଫୁଭାକୁଲ୍ ମଧୁ ଅଛନ୍ତି। ରାଜନଗର ପେଣ୍ଟ ପାଖ ସମୁଦ୍ରରେ ଏକ ତିନିକୋଣିଆ ବାଲି ଦୀପ ସଦୃଶ ଜାଗା ଅଛି। ସେଠାରେ ସମୁଦ୍ର ଢେଉ ଶାନ୍ତ। ସେଠାରେ ସେଲିଂ ପାଇଁ ଉପଯୁକ୍ତ ସ୍ଥାନ ହୋଇପାରିବ। ଉକ୍ତ ଟିମ୍ ନଭେମ୍ବରରେ ଗୌହାଟିଠାରେ ଜାତୀୟ ସେଲିଂରେ ପ୍ରଦର୍ଶନ କରି ୩ଟି ପଦକ ଜିତିଛନ୍ତ। ଏହି ଟିମ୍ ଏବେ ଏସିୟାନ ଗେମ୍ ଓ ଅଲମ୍ପିକ ପାଇଁ ପ୍ରସ୍ତୁତି କରିବେ। ଓଡ଼ିଶାର ୪୮୦କିମି ସମୁଦ୍ରରେ ଭଲ ଭିତ୍ତିଭୂମି ରହିଛି। ସେଲିଂ ପାଇଁ ୮ ରୁ ୨୫ ନଟିକାଲ ମାଇଲ (୧୫ ରୁ ୪୫ କିମି) ବେଗରେ ପବନ ଥିବା ଦରକାର। ଢେଉ ଓ ସମୁଦ୍ର କରେଣ୍ଟ ଦରକାର ବୋଲି କୋଚ ମଧୁ କହିଛନ୍ତି। ଓଡ଼ିଶାର ଝିଅ ଆଲିଆ ସେଟରନ୍ ଅଲମ୍ପିକ ପାଇଁ ପ୍ରସ୍ତୁତ ହେଉଛନ୍ତି। ସେଥିପାଇଁ ଓଡ଼ିଶା ସରକାରଙ୍କ କ୍ରୀଡା ବିଭାଗ ପକ୍ଷରୁ ଏଭଳି ଜାଗା ଚୟନ କାମ ହେଉଛି ବୋଲି ସବୀର ବକ୍ସ କହିଛନ୍ତି।

# ମାର୍ଶାଘାଇରେ କୁରାଳ ପଞ୍ଚମୀ ପର୍ବ ପାଳିତ

ମାର୍ଶାଘାଇ, ୧୮।୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



ରବିବାର କୁରାଳ ପଞ୍ଚମୀ ତିଥି ଅବସରରେ ମାର୍ଶାଘାଇ ବ୍ଲକ ଅଞ୍ଚଳର କୁମ୍ଭକାର ସମ୍ପ୍ରଦାୟ ବାସ କରୁଥିବା ଗାଁ ଉତ୍ସବ ମୁଖର ହୋଇ ଉଠିଥିଲା । ମାର୍ଶାଘାଇ ବଜାର ନିକଟସ୍ଥ କୁମ୍ଭାର ସାହିର ମଧ୍ୟସ୍ଥଳରେ ଥିବା ମଣ୍ଡପରେ ହରପାର୍ବତୀଙ୍କ ପ୍ରତିମାକୁ ପୂଜା କରାଯାଇଥିଲା । ସାହିର ସମସ୍ତ ପରିବାରର ପୁରୁଷ ସଦସ୍ୟମାନେ ନୂଆ ବସ୍ତ୍ର ପରିଧାନ କରି କୌଳିକ ବୃତ୍ତି ମାଟି ପାତ୍ର ନିର୍ମାଣର ସାଜ ସରଞ୍ଜାମ ତଥା ହାଣ୍ଡି ଗଢ଼ା ଚକ, ପିଣ୍ଡ, ପିଟଣା, ଚକଲା ହାଣ୍ଡି, ଚକ ସୁତା, ଚକ କପଡା. ମୁଠା ଦଉଡି, ଗଉଣି, ପାଇଲି, କୁଞ୍ଚା,ଦା, କୋଡ଼ି ଓ କୋଦାଳକୁ ଫୁଲ ଅରୁଆ ଚାଉଳ ଆଣରେ ଚିତା ପକାଇ ପୂଜାର୍ଚ୍ଚନା କରିଥିଲେ । ମହିଳାମାନେ ପରମ୍ପରା ଅନୁସାରେ ଏଣ୍ଡୁରି ପିଠା, ତରକାରୀ, ଖିରି ଓ ମିଷ୍ଟାନ ଭୋଗ ଲାଗି କରିଥିଲେ । ପୌରାଣିକ ମତ ଅନୁଯାୟୀ ବିଶ୍ୱର ପ୍ରଥମ କୁମ୍ଭାର ରୁଦ୍ରପାଳଙ୍କୁ ସୃଷ୍ଟି କରିଥିଲେ । ରୁଦ୍ରପାଳ ପ୍ରଭୁ ନାରାୟଣଙ୍କ ଶରଣ ଯାଇ ପ୍ରଥମ କୁମ୍ଭାରୁଣୀ ମା'ରତ୍ନେଶରୀଙ୍କୁ ପାଇଥିଲେ । ପୁନର୍ବାର ସେମାନେ ହରପାର୍ବତୀଙ୍କ ଶରଣ ଯାଇ ୪ ପୁତ୍ର ପ୍ରାପ୍ତ ହୋଇଥିଲେ । ଦେବତାମାନଙ୍କ ପୂଜା ପରେ ବିଶ୍ୱବାସୀଙ୍କ ମଙ୍ଗଳ ନିମନ୍ତେ ରୋଷେଇ କରି ଖାଇବା ପାଇଁ ମାଟି ପାତ୍ର ଆଦି ତିଆରି କରିଥିଲେ । ବ୍ଲକର ପରକୁଳା, ପିକରାଳି, ନରସିଂହପୁର, ଜୋକିଆ, ବିଲସାହି, ରଙ୍କାଳ, ରଘୁନାଥପୁର, ପକ୍ଷଟ, ବଟିରା ଅରଖିଆ, ବରେଇ, ମାହାରକୁଳ ଓ ଚକରପୁର ଆଦି ଗ୍ରାମରେ ଏହି ପର୍ବ ୫ ଦିନ ଧରି ଚାଲିବ । ମାର୍ଶାଘାଇ କୁରାଳ ପଞ୍ଚମୀରେ କୁମ୍ଭାରସାହିର ବିଶ୍ୱଜିତ୍ ବେହେରା, ଅନନ୍ତ ବେହେରା, ସୁବାସ ସାହୁ, ସୁନୀଲ ବେହେରା, ହୃଷିକେଶ ବେହେରା, ହେମନ୍ତ ବେହେରା, ବଳରାମ ବେହେରା, ବିଚିତ୍ରାନନ୍ଦ ବେହେରା, ପାର୍ଥସାରଥୀ ବେହେରା, ଜିତେନ୍ଦ୍ର ବେହେରାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି ହରପାର୍ବତୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ ।

# ଆମ ସମାଜ ଆମ ପରିବାର କାର୍ଯ୍ୟକ୍ରମର ଭୂମି ପୂଜନ

ରାହାମା, ୧୮।୧୨ (ଶ୍ରୀକାନ୍ତ ଦାସ )

ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆଙ୍କ ରାହାମାଠାରେ ଆସନ୍ତା ଡିସେମ୍ବର ୨୯ରୁ ୩୧ ପର୍ଯ୍ୟନ୍ତ ଆମ ସମାଜ ଆମ ପରିବାର ଶୀର୍ଷକ କାର୍ଯ୍ୟକ୍ରମ ଭଳି ଏକ ଆଧ୍ୟାତ୍ମିକ ଓ ସମାଜ ସଂସ୍କାର ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଜିଲା ଏବଂ ଜିଲା ବାହାରୁ ଅନେକ ଭକ୍ତ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ଭୂମିପୂଜା କରାଯାଇଛି। ଏଥିରେ ଶିଶୁ ଅନନ୍ତ ଆଶ୍ରମ ପକ୍ଷରୁ ଶ୍ରୀନିବାସ ଦାସ, ପ୍ରଣବ ଆନନ୍ଦ ଦାସ, ଅରୁଣ କୁମାର ପାଣି, ଶିଶିର କୁମାର ଦାସ, ଭିକାରୀ ଚରଣ ସେନାପତି, ପ୍ରଦୀପ୍ତ କୁମାର ବେଉରା, ଦିଲୀପ ମହାପାତ୍ର, ବିଭୂତି ଭୂଷଣ ପଟ୍ଟନାୟକ, ସୁରେନ୍ଦ୍ର ସାହୁ, ମାନସ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଜଗନ୍ନାଥ, ଝଙ୍କଡ଼ ବାସିନୀ ମା' ସାରଳା, ବିଶ୍ୱ ଗୁରୁ ବାୟା, ପୂଜ୍ୟ ପୂଜକ ବାବା ବଳିଆଙ୍କୁ ପ୍ରାର୍ଥନା ପୂର୍ବକ ଶୁଭ ସ୍ତମ୍ଭ ସ୍ଥାପନା କରାଯାଇଥିଲା।

# ମାନବ ସମାଜକୁ ପରିବର୍ତ୍ତନ ପାଇଁ ଆଧ୍ୟାତ୍ମିକ ଚେତନା ଜରୁରୀ

ବିରିଡି, ୧୮।୧୨ (ପ୍ରଶାନ୍ତ କୁମାର ରାଉତ)

ବିଶ୍ୱ ମାନବ ସମାଜକୁ ପରିବର୍ତ୍ତନ କରିବାକୁ ହେଲେ ଅଧ୍ୟାତ୍ମିକ ଚେତନା ଅପରିହାର୍ଯ୍ୟ। କାରଣ ସାମାଜିକ ସ୍ତରରେ ଯେତେ ଭୌତିକ ଓ ବିଜ୍ଞାନର ଉର୍ଦ୍ଧ୍ୱକୁ ଯାଇ ଅଧ୍ୟାତ୍ମିକ ଚିନ୍ତା, ଚେତନା ଏବଂ ସାଧନାରେ ସମସ୍ତେ ଅନୁପ୍ରାଣିତ ହେବା ସବୁଠାରୁ ବଡ଼ ସୌଭାଗ୍ୟ। ମାନବଜାତି ଯିଏ ଯେଉଁ କ୍ଷେତ୍ରରେ ଯେତେ ବଡ ହେଉନା କାହିଁକି ବ୍ୟକ୍ତି ଯଦି ଅଧ୍ୟାତ୍ମିକ ଚେତନାକୁ ଆପଣେଇ ନ ପାରେ ତେବେ ଦୁର୍ଲଭ ମନୁଷ୍ୟ ଜନ୍ମ ବ୍ୟର୍ଥ ହୋଇଯାଇଛି ବୋଲି ଜାଣିବାକୁ ହେବ। ଏହା ହିଁ ଭାରତୀୟ ଋଷି ମୁନିମାନଙ୍କର ମତ ବୋଲି ଧ୍ୟାନକୁଦ ପୀଠର ପୀଠାଧିଶ ଅରକ୍ଷିତ ଦାସମହାରାଜ ଶନିବାର ବିରିଡି ବ୍ଲକ ଅନ୍ତର୍ଗତ ଶଙ୍ଖାରୀ ସାହି ତ୍ରିନାଥ ଗାଦି ଉନ୍ନୟନ ପରିଷଦ ପକ୍ଷରୁ ତ୍ରିନାଥ ଗାଦିଠାରେ ଆୟୋଜିତ ୩୦ତମ ଧନୁ ସଂକ୍ରାନ୍ତୀ ମେଳାରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ପରିଷଦର ସଭାପତି ଯୋଗେନ୍ଦ୍ର ଭୋଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରବଚନ ସଭାରେ ମହିମା ଅଲେଖ ଧର୍ମୀ ବିଳାସ ବାବାଙ୍କ ସହ ବସନ୍ତ ବେହେରା, ଶରତ ଦାସ, ଟିକିନା ଭୋଇ, ଅନନ୍ଦ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ତ୍ରିନାଥଙ୍କ ପୂଜାର୍ଚ୍ଚନା କରାଯିବା ସହ ଭଜନ ସମାରୋହ କରାଯାଇଥିଲା।

# କଲେଜରେ ଏକାଧିକ ସଚେତନତା କାର୍ଯ୍ୟକ୍ରମ

**ପାରାଦୀପ, ୧୮।୧୨ (ଶରତ ରାଉତ):** ପାରାଦୀପ କଲେଜ ପରିସରରେ ସୋମବାର ନୂଆ ଓଡିଶା, ଯୁବ ଓଡିଶା, ନବୀନ ଓଡିଶା ଅଧୀନରେ ଏକାଧିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ସଡ଼କ ସୁରକ୍ଷା ସଚେତନତା ରାଲି, ଆଗ୍ନିକ ବିପର୍ଯ୍ୟୟ ମୁକାବିଲା କୌଶଳ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଅଧ୍ୟକ୍ଷା ସସ୍ମିତା ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ଅଗ୍ନିଶମ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ, ବିରିଡି ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ଲୋକନାଥ ସାହୁ ଯୋଗଦେଇ ପିଲାଙ୍କୁ ଅଗ୍ନି ନିରାପତ୍ତା ଓ ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝାଇଥିଲେ। ଅଗ୍ନିଶମ କର୍ମଚାରୀ ମକଡ୍ରିଲ ଦ୍ୱାରା କେତେକ କୌଶଳ ଦେଖାଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଅକ୍ଷୟ ମିଶ୍ର ଓ ଗଣେଶ୍ୱର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।


ଅଗ୍ନିଶମ କର୍ମଚାରୀ ମକଡ୍ରିଲ କରି ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ କୌଶଳ ଦେଖାଉଛନ୍ତି।

# ସାଇଲୋ ସେବା ସମବାୟ ସମିତିର ବାର୍ଷିକ ବୈଠକ


ବୈଠକରେ ଯୋଗଦେଇଥିବା ଅତିଥିମାନେ।

ରାହାମା, ୧୮।୧୨ (ଶ୍ରୀକାନ୍ତ ଦାସ )

କୁଜଙ୍ଗ ବ୍ଲକ ଅଧୀନ ସାଇଲୋ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ରାହାମାଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମବାୟ ସମିତିର ସଭାପତି ପ୍ରଦୀପ କୁମାର ବେଉରା ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ କୁଜଙ୍ଗ ଶାଖା ପରିଚାଳକ ସୁଜିତ କୁମାର ଦାସ ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କୁ ଋଣ ଯୋଗାଣର ସୁବିଧା ସମ୍ପର୍କରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ସମିତିର ପୂର୍ବତନ ସଭାପତି ଭିକାରୀ ଚରଣ ସେନାପତି ଯୋଗଦେଇଥିଲେ। ସମ୍ପାଦକ ସଚ୍ଚିଦାନନ୍ଦ ବୈଶାଖ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାରେ କୃଷକମାନଙ୍କୁ କିଭଳି ସୁଲଭ ମୂଲ୍ୟରେ ସାର, ବିହନ, ଔଷଧ ଯୋଗାଇ ଦେବା, ସମିତିର ନିଜସ୍ୱ ଗୃହର ଉପର ମହଲାରେ ଏକ ସଭାଗୃହ ନିର୍ମାଣ କରାଯିବା, ଋଣ ପ୍ରଦାନ ପ୍ରଣାଳୀରେ ଥିବା ଅସୁବିଧା ସମ୍ପର୍କରେ ଜିଲାପାଳଙ୍କ ସହ ଆଲୋଚନା କରାଯାଇ ଯଥାଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ସଭାପତି ବେଉରା କହିଥିଲେ। ଏହି ସଭାରେ ସମବାୟ ସମିତିର ଉପସଭାପତି ଅଞ୍ଜନା ପରିଡା, ନିର୍ଦ୍ଦେଶକ ଗଜେନ୍ଦ୍ର ବିଶ୍ୱାଳ, ପ୍ରମୋଦ ସାହୁ, ତୁଷାର ଲେଙ୍କା, ରବିନାରାୟଣ ସାହୁ, ନିତ୍ୟାନନ୍ଦ ସିଂ, ଶରତ ଦାସ, ବାସନ୍ତୀ ବାରିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ସମିତିର ସଭାପତି ବେଉରା ସମସ୍ତ ଚାଷୀ ଓ ସମିତିର ସମସ୍ତ ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ ଖୁଣ୍ଟ, ସ୍ଥାନାନ୍ତର ଦାବି

**ଶିଖରଘାଟ-ବାଲିଭଉଁରି ମୁଖ୍ୟ ରାସ୍ତା**

ନାଉଗାଁ, ୧୮।୧୨ (ସୁଧା ବେହୁରା)




ନାଉଗାଁ ବ୍ଲକର ମୁଖ୍ୟ ସଂଯୋଗକାରୀ ରାସ୍ତା ହେଉଛି ଶିଖରଘାଟ-ବାଲିଭଉଁରି ରାସ୍ତା। ଏହା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏହି ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଥିବାରୁ ଲୋକେ ଯାତାୟାତବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଖୁଣ୍ଟଗୁଡ଼ିକ ଦୀର୍ଘଦିନ ହେବ ରହିଥିବାରୁ ଅନେକ ଲୁହାଖୁଣ୍ଟରେ କଳଙ୍କି ଲାଗିଯାଇଥିବା ବେଳେ କିଛି ଖୁଣ୍ଟର ମୂଳଭାଗ ତାର ସାହାଯ୍ୟରେ ବନ୍ଧାଯାଇଛି। ଅପରପକ୍ଷେ ନାଉଗାଁ ବ୍ଲକ ଛକରେ ବିପଦପୂର୍ଣ୍ଣ ଅବସ୍ଥାରେ ଖୁଣ୍ଟ ରହିଥିବା ବେଳେ ଏହାର ପାର୍ଶ୍ୱରେ ବିଭିନ୍ନ ଦୋକାନ ରହିଛି। ଯଦି କୌଣସି କାରଣରୁ ବିଦ୍ୟୁତ ଖୁଣ୍ଟ ଭାଙ୍ଗିବ, ତେବେ ଦୋକାନ ଗୃହ ନଷ୍ଟ ହେବାର ଆଶଙ୍କା ରହିଛି। ଏହାସତ୍ତ୍ୱେ ରାସ୍ତା ନିର୍ମାଣ ସମୟରେ ଖୁଣ୍ଟ ଉଠାଇବାକୁ କୌଣସି ବ୍ୟବସ୍ଥା ହୋଇ ନ ଥିଲା।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ରାସ୍ତା ପାର୍ଶ୍ୱରେ ବିଭିନ୍ନ ଗ୍ରାମକୁ ବିଦ୍ୟୁତ ସଂଯୋଗ ପାଇଁ ଏସବୁ ଖୁଣ୍ଟ ଲଗାଯାଇଥିଲା। କାଳକ୍ରମେ ରାସ୍ତା ସମ୍ପ୍ରସାରଣ କରାଯିବା ଫଳରେ ଏହି ଖୁଣ୍ଟଗୁଡ଼ିକ ରାସ୍ତା ମଝିରେ ରହିଯାଇଛି। ଫଳରେ ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି। ରାସ୍ତାଟି ବ୍ଲକର ମୁଖ୍ୟରାସ୍ତା ହୋଇଥିବାବେଳେ ପ୍ରତ୍ୟହ ପୁରୀ, କେନ୍ଦ୍ରାପଡ଼ା, କଟକ ଆଦି ଜିଲାରୁ ଯାତ୍ରୀବାହୀ ଓ ମାଲ୍‌ବାହୀ ଗାଡି ସବୁ ଯାତାୟାତ କରିଥାନ୍ତି। ଅସାବଧାନତାବଶତଃ କୌଣସି ଗାଡ଼ି ରାସ୍ତାପାର୍ଶ୍ୱକୁ ମାଡ଼ିଗଲେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏନେଇ ରାସ୍ତାର ମଧ୍ୟଭାଗରେ ଥିବା ସମସ୍ତ ବିଦ୍ୟୁତ ଖୁଣ୍ଟକୁ ତୁରନ୍ତ ସ୍ଥାନାନ୍ତର କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ସଂକ୍ରାନ୍ତରେ ନାଉଗାଁ ଟାଟା ପାଓାର ଲିଡ୍ ମ୍ୟାନେଜର ଦୀପକ ଭୂଇଁଙ୍କୁ ପଚାରିବାରେ, ରାସ୍ତା ମଧ୍ୟରେ ଯେତେଗୁଡ଼ିଏ ବିଦ୍ୟୁତ ଖୁଣ୍ଟ ରହିଛି, ସେଗୁଡ଼ିକ ଚିହ୍ନଟ କରାଯାଇ ସ୍ଥାନାନ୍ତର କରାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଲୋକକଳାକୁ ଉଜ୍ଜୀବିତ କରିବା ମହୋତ୍ସବର ଲକ୍ଷ୍ୟ


ମହୋତ୍ସବରେ ଯୋଗ ଦେଇଥିବା ଅତିଥି ଓ ଲୋକମାନେ।

**ଖଣ୍ଡପଡ଼ା, ୧୮।୧୨ (ଅଜୟ କୁମାର ମହାରଣା)**

## ଖଣ୍ଡପଡ଼ା ମହୋତ୍ସବ, ପଲ୍ଲିଶ୍ରୀ ମେଳା ଆରମ୍ଭ

କଳା ବିକାଶ ପରିଷଦ ଖଣ୍ଡପଡ଼ା ପକ୍ଷରୁ ୭ମ ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ସୋମବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ୫ ଦିନ ପାଇଁ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବକୁ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି। ମହୋତ୍ସବ କମିଟିର ଅଧକ୍ଷ ଶିଶିର କୁମାର ସାହୁଙ୍କ ପୌରୋହିତ୍ୟରେ ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ହସ୍ତଶିଳ୍ପ ଉପନିର୍ଦ୍ଦେଶକ ଅଶୋକ କୁମାର ହୋତା, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, କଳା ବିକାଶ ପରିଷଦ ସଭାପତି ପ୍ରଦୀପ୍ତ କିଶୋର ମିଶ୍ର, ଆବାହକ ଦୀନବନ୍ଧୁ ଦାସ ପ୍ରମୁଖ ଯୋଗଦେଇ ସଂସ୍କୃତି ଓ ପରମ୍ପରା ଆମ ଦେଶର ପରିଚୟ। ଏହାଛଡା ଖଣ୍ଡପଡ଼ା ସହରାଞ୍ଚଳରେ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଖଣ୍ଡପଡ଼ାର ଐତିହ୍ୟ ଓ ପରମ୍ପରା ଅନ୍ୟ ସମସ୍ତଙ୍କଠାରୁ ଭିନ୍ନ। ବିଶ୍ୱ ବିଖ୍ୟାତ ସିଦ୍ଧାନ୍ତ ଦର୍ପଣର ରଚୟିତା ମହାମହୋପାଧ୍ୟାୟ ପଠାଣି ସାମନ୍ତ ଓ ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋର ଶ୍ରୀନୀଳମାଧବ ଜୀଉ ସର୍ବଜନ ବିଦିତ। ତେବେ ଲୋକକଳାକୁ ଏହି ମହୋତ୍ସବ ମାଧ୍ୟମରେ ଅନ୍ୟମାନଙ୍କ ନିକଟରେ ପହଞ୍ଚାଇବା ଏହାର ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କୁନି ପ୍ରତିଭା ରୂପାଲୀ ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। କଳା ବିକାଶ ପରିଷଦର ଆବାହକ ଦୀନବନ୍ଧୁ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମହୋତ୍ସବକୁ ଅଧିକ ସରସ ସୁନ୍ଦର କରିବା ନିମନ୍ତେ ମିନି ଷ୍ଟାଡିୟମ ପରିସରରେ ବିଭିନ୍ନ କିସମର ଷ୍ଟଲ, ଫୁଡ ବଜାର ଓ ରାମଦୋଳିର ଆୟୋଜନ କରାଯାଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଦର୍ଶକଙ୍କ ପ୍ରବଳ ଭିଡ଼ ହୋଇଥିଲା। ଖଣ୍ଡପଡା ପୋଲିସ ପକ୍ଷରୁ ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁ ଓ କର୍ମଚାରୀମାନେ ଶାନ୍ତି ଶୃଙ୍ଖଳା ରଖା କରିଥିଲେ।

# ଶ୍ରୀରଘୁନାଥଜୀଉ ଓଢ଼ଣ ଲାଗି ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଲେ



**ଓଡ଼ଗାଁ, ୧୮।୧୨ (ଆଦର୍ଶ କୁମାର ପଟ୍ଟନାୟକ)**

ମାନବୀୟ ଲୀଳାଅନୁସାରେ ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରେ ପ୍ରଭୁ ଶ୍ରୀରଘୁନାଥଙ୍କ ସହ ଅନୁଜ ଲକ୍ଷ୍ମଣ ଓ ମା'ଜାନକୀଙ୍କ ଋତୁଚକ୍ର ଅନୁସାରେ ବେଶ ଭୁଷାରେ ପରିବର୍ତ୍ତନ ହୋଇଛି। ସୋମବାର ମାର୍ଗଶିର ମାସ ଓଢ଼ଣ ଷଷ୍ଠୀ ତଥା ପ୍ରାବରଣ ତିଥିଠାରୁ ଶ୍ରୀଜୀଉମାନେ ଶରୀରର ଉଷ୍ମତା ନିମନ୍ତେ କେବଳ ଶ୍ରୀମୁଖ ବ୍ୟତୀତ ସର୍ବାଙ୍ଗ ଶରୀରରେ ଶୀତବସ୍ତ୍ର ପରିଧାନ କରିଛନ୍ତି। ଏହି ତିଥିଠାରୁ ପ୍ରାୟ ୨ ମାସ ପର୍ଯ୍ୟନ୍ତ ଶ୍ରୀଜୀଉମାନେ ମାଘ ମାସ ବରଦା ଚତୁର୍ଥୀ ପର୍ଯ୍ୟନ୍ତ ଶୀତ ବସ୍ତ୍ର ପରିଧାନ କରିଥିବା ହେତୁ କେବଳ ଶ୍ରଦ୍ଧାଳୁଙ୍କୁ ମୁଖ ମଣ୍ଡଳ ଦର୍ଶନ ଦେବେ। ବସନ୍ତୀ ପଞ୍ଚମୀଠାରୁ ଭକ୍ତମାନେ ପ୍ରଭୁଙ୍କୁ ପୂର୍ବବତ ଦର୍ଶନ ଲାଭ କରିବା ସୌଭାଗ୍ୟ ପ୍ରାପ୍ତ କରିବେ। ଶ୍ରୀଜୀଉଙ୍କୁ ପ୍ରତ୍ୟେହ ଓଢ଼ଣ ନିମନ୍ତେ ଭଳିକି ଭଳି ଶୀତବସ୍ତ୍ର ଶ୍ରଦ୍ଧାଳୁଙ୍କ ସମର୍ପଣ ହେଉଥିବା ବେଳେ ପୂଜକ ପରିଷଦ ତଥା ପାଳିଆ ପଣ୍ଡା ଶ୍ରୀଜୀଉଙ୍କୁ ଅତି ନିଖୁଣ ଭାବେ ସଜ୍ଜିତ କରୁଛନ୍ତି। ଖେଚୁଡ଼ି ଧୂପ ପରେ ଶ୍ରୀଜୀଉଙ୍କୁ ମାହା ଆଳତି, ଚାମର ସେବା ପରେ ଶ୍ରୀଜୀଉଙ୍କ ଓଢ଼ଣ ଷଷ୍ଠୀ ନୀତି ଅନୁଷ୍ଠିତ ହୋଇଥିଲା। ପାଳିଆ ପଣ୍ଡା ନାରାୟଣ ମହାପାତ୍ରଙ୍କ ସହ ପୂଜକ ଓ ସୁଆର ପରିଷଦ ସଦସ୍ୟଙ୍କ ସହଯୋଗରେ ପ୍ରଥମ ଶୀତବସ୍ତ୍ର ପରିଧାନ କରାଇଥିଲେ। ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୋଷ୍ଠୀ ବିହନ ମେଳା ଉଦ୍‌ଘାଟିତ



ମେଳାରେ ଉପସ୍ଥିତ ଅତିଥିମାନେ।

**ଦଶପଲ୍ଲା, ୧୮।୧୨ (ପ୍ରକାଶ କୁମାର ପାଣି)**

ଦଶପଲ୍ଲା ବ୍ଲକ ଘୁଗୁଡ଼ିପଡ଼ା ପଞ୍ଚାୟତ ଅଧୀନ ଚମ୍ପାଡାଳି ଗାଁରେ ସୋମବାର 'ନିର୍ମାଣ' ଅନୁଷ୍ଠାନ ପକ୍ଷରୁ ୨ଦିନିଆ ବିହନ ମେଳା ଆରମ୍ଭ ହୋଇଛି। ଅନୁଷ୍ଠାନ ନୟାଗଡ଼ ଜିଲାର ଦଶପଲ୍ଲା ଅଞ୍ଚଳରେ ୫ବର୍ଷ ଧରି ପ୍ରାକୃତିକ କୃଷିରେ ପ୍ରଚାର ଓ ଦେଶୀ ବିହନର ସଂରକ୍ଷଣ ଉପରେ କାର୍ଯ୍ୟ କରୁଛି। ଦେଶୀ ବିହନର ସଂରକ୍ଷଣକୁ ନେଇ ନିର୍ମାଣ ଅନୁଷ୍ଠିନ ୫୫ରୁ ଅଧିକ ଗ୍ରାମରେ ଚାଷୀଙ୍କ ସହ ମିଶି ଅନେକ କାମ ହାତକୁ ନେଇଛି। ପଞ୍ଚାୟତ ସ୍ତରରେ ଗୋଷ୍ଠୀ ସ୍ତରୀୟ ବିଭିନ୍ନ ବ୍ୟାଙ୍କ ଗଠନ, ଗ୍ରାମ ସ୍ତରୀୟ ବିହନ ଅଦଳ ବଦଳ ପରିବେଶ ସହଣି ଚାଷ ଯୋଜନା ପ୍ରସ୍ତୁତ ଓ ବିହନ ମେଳା କରି ଚାଷୀଙ୍କୁ ଏକାଠି କରିପାରିଛି ବୋଲି ଅନୁଷ୍ଠାନର କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରଶାନ୍ତ ମହାନ୍ତି କହିଛନ୍ତି। ଏଥିରେ ମୁଖ୍ୟ ଅତିଥି ରୂପେ ଦଶପଲ୍ଲା ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ, ସମ୍ମାନିତ ଅତିଥି ଭାବେ, ରାଜ୍ୟ ସଂଯୋଜିକା ଅରୁଣିମା ସ୍ୱାଇଁ, ସିଡିଏମ୍‌ଓ ସଞ୍ଜୟ କୁମାର ଦଳେଇ, ଜିଲା ସଂଯୋଜକ ଅବିନାଶ ପଣ୍ଡା, ରାଜ୍ୟ ସଂଯୋଜକ ଦିନେଶ ବାଲମ୍, ଗବେଷକ ରବି ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଉକ୍ତ ଅଞ୍ଚଳର ବହୁ ମହିଳାପୁରୁଷ ଚାଷୀ ବିଭିନ୍ନ କିସମର ଧାନ ଧରି ନାଚ ଗୀତରେ ଶୋଭାଯାତ୍ରାରେ ବିହନ ମେଳା ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ବିହନ ପ୍ରଦର୍ଶିତ ହୋଇଥିଲା। ଅନୁଷ୍ଠାନର ଦଶପଲ୍ଲାର ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ।

# ବାଲ୍ୟବିବାହ ନିରୋଧ, ଯୌତୁକ ପ୍ରଥା ଉଚ୍ଛେଦ ପାଇଁ ପଥପ୍ରାନ୍ତ ନାଟକ

**ଶରଣକୁଳ, ୧୮।୧୨ (ଦୀପକ କର)**



ପଥପ୍ରାନ୍ତ ନାଟକକୁ ଲୋକମାନେ ଦେଖୁଛନ୍ତି।

ଶରଣକୁଳ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଅଧୀନରେ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରମାନଙ୍କର ବାଲ୍ୟବିବାହ ନିରୋଧ ଓ ଯୌତୁକ ପ୍ରଥା ଉଚ୍ଛେଦ ନିମିତ୍ତ ଏକ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ଯାଇ ଜନସାଧାରଣଙ୍କୁ ସଚେତନ କରିବା ସହ ଏକ ପଥପ୍ରାନ୍ତ ନାଟକ ଲଡୁବାବାଙ୍କ ମନ୍ଦିର ସମ୍ମୁଖରେ ଆୟୋଜନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ଜଣସାଧାରଣ ଓ ପଥଚାରୀ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସଭାପତି ଯୋଗେଶ୍ୱର ନାୟକ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ମହାବିଦ୍ୟାଳୟର ଅଧକ୍ଷ ବସନ୍ତ କୁମାର ରଥ ଉଦ୍‌ଘାଟନ କରିଥିଲେ। ପଥପ୍ରାନ୍ତ ସଭାରେ ସଭାପତି ନାୟକ ବାଲ୍ୟ ବିବାହ ଓ ଯୌତୁକ ପ୍ରଥାକୁ ସାମାଜିକ କଳଙ୍କ ବୋଲି ପ୍ରକାଶ କରିଥିଲା ବେଳେ, ସରପଞ୍ଚ ସାହୁ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ନୂଆ-ଓ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ଅଭିଯାନ, ଏକ ବଳିଷ୍ଠ ପଦକ୍ଷେପ ବୋଲି କହିଥିଲେ। ଅଧକ୍ଷ ବସନ୍ତ କୁମାର ରଥ ବାଲ୍ୟ ବିବାହ ନିରୋଧ ଏବଂ ଯୌତୁକ ପ୍ରଥା ଉଚ୍ଛେଦ ପାଇଁ ଶିକ୍ଷାର୍ଥୀମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ମୁଖ୍ୟ ତ୍ରିନାଥ ପରିଡ଼ା, ସମାଜସେବା ଅଧିକାରୀ ପ୍ରତିମା ବେହେରା, ରେଡକ୍ରସ ଅଧିକାରୀ ଦିଲୀପ କୁମାର ସାହୁ, ରଶ୍ମିତା ରାଉତରାୟ, ମୋନାଲିସା ସାମଲ ଓ ନୋଡାଲ ଅଧିକାରୀ ବିଭୂତି ଭୂଷଣ ବେହେରା ପ୍ରମୁଖ ଶିବିରକୁ ସଞ୍ଚାଳନା କରିଥିଲେ।

# ମଣିଭଦ୍ରା ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ


ସିଦ୍ଧଯୋଗୀ ବାବା ଶ୍ରୀରାମଦାସଙ୍କ ପାଦୁକାକୁ ଯଜ୍ଞମଣ୍ଡପକୁ ନିଆଯାଉଛି।

**ଗଣିଆ, ୧୮।୧୨ (ସନ୍ତୋଷ କୁମାର ପ୍ରଧାନ)**

ନୟାଗଡ଼ ଜିଲା ଗଣିଆ ବ୍ଲକ ମା' କଳାପାଟ ପୀଠ ପରିସରରେ ୩ ଦିନ ଧରି ଚାଲିଥିବା ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଓଢଣ ଷଷ୍ଠୀ ତିଥିରେ ପଞ୍ଚକୁଣ୍ଡିୟ ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଯାଇଛି। ସ୍ୱର୍ଗତ ସିଦ୍ଧଯୋଗୀ ବାବା ଶ୍ରୀରାମଦାସଙ୍କର ୭୩ତମ ଜନ୍ମ ଉତ୍ସବ ଉପଲକ୍ଷେ ଭୁବନେଶ୍ୱର ଧଉଳିସ୍ଥିତ ଓଁ ସତ୍ୟଶାନ୍ତି ସେବା ଟ୍ରଷ୍ଟ ଦ୍ୱାରା ବିଗତ ୩୧ତମ ବିଶ୍ୱଶାନ୍ତି ମହାଯଜ୍ଞର ପାଳିତ ହୋଇଯାଇଛି। ହଜାର ହଜାର ଶ୍ରଦ୍ଧାଳୁ ଅନ୍ନ ପ୍ରସାଦ ପାଉଥିଲେ ମଧ ଅଇଁଠା ପତ୍ର ପଡୁଥିବା ସ୍ଥାନରେ ମଶା କିମ୍ବା ମାଛିଟିଏ ଦେଖିବାକୁ ମିଳିନାହିଁ। ଏହି ଅବସରରେ ସକାଳେ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଗୁରୁ ପୂଜା, ସାଧୁ ପୂଜନ କରାଯାଇଥିଲା। ବାବା ରାମଦାସଙ୍କ ସ୍ୱଲିଖିତ ମୟୂର ଝଳକ ପୁସ୍ତକରୁ ମିଳିଥିବା ସୂଚନା ଅନୁଯାୟୀ, ଆଗାମୀଦିନରେ ମଣିଭଦ୍ରା ପର୍ବତ ଶିଖରରେ ନୀଳ କଇଁ ପ୍ରସ୍ଫୁଟିତ ହେବା ସହ ଏହି ସ୍ଥାନ ଶ୍ରୀକ୍ଷେତ୍ର ପାଲଟିବ ବୋଲି ଉଲ୍ଲେଖ ରହିଛି। ସେହିପରି ମଣିଭଦ୍ରାଠାରେ ପଞ୍ଚସଖାଙ୍କ ମିଳନ, ଲକ୍ଷ୍ମୀନୃସିଂହଙ୍କ ମିଳନ ହେବା ସହ ମହାଭାରତର ବାକିଥିବା ଏକ ଓଳି ଯୁଦ୍ଧ ସମାପନ ହେବ ବୋଲି ମହାପୁରୁଷ ଅଚ୍ୟୁତ ଲେଖିଥିଲେ। ଯୋଗ ଦେଇଥିବା ସାଧୁସନ୍ଥଙ୍କୁ ନେଇ ମଧ୍ୟାହ୍ନରେ ସୁଧର୍ମା ସଭାର ଆୟୋଜନ କରାଯାଇଥିଲା। ସଭାସ୍ଥଳରେ ଉପସ୍ଥିତ ସାଧୁସନ୍ଥ, ଭିନ୍ନକ୍ଷମ, ଗରିବ ଓ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଲୁଗା, ଶୀତବସ୍ତ୍ର ସହ ଦକ୍ଷିଣା ଦିଆଯାଇଥିଲା। ପରେ ସଭାସ୍ଥଳରୁ ବାବା ରାମଦାସଙ୍କର ପାଦୁକାକୁ ଭକ୍ତ ମସ୍ତକରେ ଧରି ଯଜ୍ଞମଣ୍ଡପକୁ ନେଇଥିଲେ। ଏହାପରେ ପଞ୍ଚକୁଣ୍ଡୀୟ ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ଆରମ୍ଭ ହୋଇଥିଲା। ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଆୟୋଜକ କମିଟିର ସଭାପତି ଅଜୟ ପଟ୍ଟନାୟକ, ପାର୍ଥ ସାରଥୀ ମହାନ୍ତି, ଧୀରେନ୍ଦ୍ର ପାଣିଗ୍ରାହୀ, ଦେବ ସାମନ୍ତରା, ନିର୍ମଳ ପଟ୍ଟନାୟକ, ବାବାଙ୍କ ପଟ୍ଟ ଶିଷ୍ୟ ତଥା ସନ୍ଥ ସେବକ ଭକ୍ତ ଲଳିତ ନାରାୟଣ ଓ ଶୋଭନ ମହାକୁଡଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ୧୯୯୧ରେ ପ୍ରଥମ ଥର ପାଇଁ ସିଦ୍ଧଯୋଗୀ ବାବା ରାମଦାସ ନିଜ ଜନ୍ମ ଦିବସ ଓଢଣ ଷଷ୍ଠୀ ତିଥିରେ ଏହି ପୀଠ ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରିଥିଲେ। ସେବେଠାରୁ ଏଠାରେ ମହାଯଜ୍ଞ ହୋଇଆସୁଛି। ୩ଦିନ ଧରି ଅନୁଷ୍ଠିତ ହୋଇଥିବା ମହାଯଜ୍ଞରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁଙ୍କର ସମାଗମ ହେବା ସହ ବହୁ ଅସ୍ଥାୟୀ ଦୋକାନ ବଜାର ଖୋଲିଛି। ସେହିପରି ଭୁବନେଶ୍ୱରସ୍ଥିତ ଓଁ ସତ୍ୟଶାନ୍ତି ସେବାଶ୍ରମ ମହାଯଜ୍ଞକୁ ପରିଚାଳନା କରୁଥିବା ବେଳେ ରାସଙ୍ଗ, ଛାମୁଣ୍ଡିଆ ପଞ୍ଚାୟତର ବହୁ ଶ୍ରଦ୍ଧାଳୁଙ୍କ ସମେତ ମାଳତିପୁଟ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନୀଳମାଧବଜୀଉଙ୍କ ଓଢ଼ଣ ଲାଗି ବେଶ

**ଖଣ୍ଡପଡ଼ା, ୧୮।୧୨ (ଅଜୟ କୁମାର ମହାରଣା)**


ଶ୍ରୀନୀଳମାଧବ ଜୀଉଙ୍କ ଓଢଣ ଲାଗି ବେଶ।

ସୋମବାର ପବିତ୍ର ଓଢ଼ଣ ଷଷ୍ଠୀ ତିଥି। ଏହି ଅବସରରେ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଓଢ଼ଣ ଲାଗି ବେଶ ଆରମ୍ଭ ହୋଇଛି। ଓଢ଼ଣ ଲାଗିର ବିଶେଷତ୍ୱ ହେଉଛି ଯେ 'ଯଥାଦେହେ ତଥାଦେବେ'। ମନୁଷ୍ୟ ଶୀତଦାଉରୁ ରକ୍ଷା ପାଇଁ ଶୀତବସ୍ତ୍ର ବ୍ୟବହାର କରୁଥିବା ବେଳେ ଦେବତାମାନଙ୍କୁ ସୋମବାର ଠାରୁ ଶୀତ ଲାଗିଥାଏ। ଏହି ପାରମ୍ପରିକ ବେଶ ଆସନ୍ତା ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରବଳ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ଶ୍ରୀଜୀଉଙ୍କୁ ଏହି ବେଶରେ ସଜ୍ଜା ଯାଇଥାଏ। ଏହି ପ୍ରଥା କେଉଁ ଆବାହମାନ କାଳରୁ ପ୍ରଚଳିତ ହୋଇ ଆସୁଅଛି। ଏହି ସମୟରେ ଶ୍ରଦ୍ଧାଳୁମାନେ କେବଳ ଠାକୁରଙ୍କ ମୁଖ ଦର୍ଶନ କରିବେ। ଏହି ଶୀତଦିନରେ ଠାକୁରଙ୍କ ମୁଖ ବ୍ୟତିତ ସମସ୍ତ ଶରୀରକୁ ଆବୃତ୍ତ କରି ରଖାଯାଇଥାଏ। ଇତ୍ୟବସରରେ ଭୋର ୫ଟାରେ ଶ୍ରୀଜୀଉଙ୍କ ଦ୍ୱାର ଫିଟା ନୀତି ଅନୁଷ୍ଠିତ ହୋଇଥିଲା। ମଙ୍ଗଳ ଆଳତି, ଅବକାଶ ନୀତି, ଦୈନିକ ବେଶ, ବଲ୍ଲଭ, ସକାଳ ଧୂପ ଉଠିବା ପରେ ଶ୍ରୀଜୀଉଙ୍କ ଶରୀରକୁ ଆବୃତ୍ତ କରିବା ସହ ମୁଣ୍ଡରେ ପଗଡ଼ି ବନ୍ଧା ଯାଇଥିଲା। ଏହି ସମୟରେ ଶ୍ରୀଜୀଉଙ୍କ ନିକଟରେ ସ୍ୱତନ୍ତ୍ର ଭୋଗ ଲାଗି ହୋଇଥିଲା। ଏହି ପାରମ୍ପରିକ ନୀତି ଅବସରରେ ରବିବାର ପଞ୍ଚମୀ ତିଥିରେ ଶ୍ରୀଜୀଉଙ୍କ ରାତ୍ର ଚନ୍ଦନ ନୀତି ବଢ଼ିବା ପରେ ଭୋଗ ମଣ୍ଡପ ଘରେ ପୂଜକ ୩ ଗୋଟି ମଣ୍ଡଳ କାଟିଥିଲେ। ପରେ ପୂଜାରୀ ଅଧିବାସ ନୀତି ସମ୍ପନ୍ନ କରିବା ପରେ ଦୁଆର ମୁଦ ଦିଆ ଯାଇଥିଲା। ସମୁଦାୟ ୧୨ଟି ଘୋଡ଼(ଚତୁର୍ଦ୍ଧା ବିଗ୍ରହଙ୍କର) ସମେତ ବିମଳା, ଲକ୍ଷ୍ମୀ, ମଦନ ମୋହନ, ଶ୍ରୀଦେବୀ, ଭୂଦେବୀଙ୍କ ଘୋଡ଼ ଅଧିବାସ ସମ୍ପନ୍ନ ହୋଇଥିଲା।

# ଶ୍ରୀନୀଳମାଧବ ଜୀଉଙ୍କୁ ଦର୍ଶନ କଲେ ଭାଜପା ରାଜ୍ୟ ସଭାପତି


ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନେ ଜୀଉଙ୍କ ଦର୍ଶନ କରି ଫେରୁଛନ୍ତି।

**ଖଣ୍ଡପଡ଼ା, ୧୮।୧୨ (ଅଜୟ କୁମାର ମହାରଣା)**

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସୋମବାର ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଗସ୍ତ କରିଥିଲେ। ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଦଳୀୟ ଯୁବ ନେତୃତ୍ୱଙ୍କ ସହ ସାମଲଙ୍କୁ ଫତେଗଡ ଠାରେ ଭବ୍ୟ ସ୍ୱାଗତ କରିଥିଲେ। ମଧ୍ୟାହ୍ନରେ ପ୍ରଥମେ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କୁ ଭାଜପାର ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କ ଗହଣରେ ଦର୍ଶନ କରି ଫେରିଥିବା ଜଣାଯାଇଛି। ସାମଲ ଆଗାମୀ ସାଧାରଣ ନର୍ବାଚନ ପାଇଁ ସମସ୍ତଙ୍କ ମଙ୍ଗଳ କାମନା କରି ଶ୍ରୀଜୀଉଙ୍କୁ ପ୍ରାର୍ଥନା କରିଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ରାଜ୍ୟ ଭାଜପା ଯୁବ ମୋର୍ଚ୍ଚା ସଭାପତି ପଣ୍ଡା, ନୟାଗଡ଼ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଇଂ. ଅର୍ଚ୍ଚନା ଦାଶ, ଜିଲା ସଭାପତି ତାପସ କୁମାର ମାର୍ଥା, ବରିଷ୍ଠ କର୍ମୀ ସୁକାନ୍ତ ପାଣିଗ୍ରାହୀ, ପ୍ରଦୀପ ପଟ୍ଟନାୟକ ଓ ଭାଜପା କର୍ମୀ ସାମିଲ ହୋଇଥିଲେ। ଖଣ୍ଡପଡ଼ା ରଥଗଡ଼ାରେ ଥିବା ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ସାମଲ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଶୁଭ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସାମଲ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତି, ଭ୍ରଷ୍ଟାଚାର ପ୍ରସଙ୍ଗ ଉପରେ ଆଲୋକପାତ କରି ଭାଜପାର ସମସ୍ତ କର୍ମୀ, କାର୍ଯ୍ୟକର୍ତ୍ତା ତୃଣମୂଳ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ।

# ଛାତ୍ରୀଛାତ୍ରଙ୍କ ହୋଟେଲ ଶିଳ୍ପ ପରିଦର୍ଶନ

**ଖଣ୍ଡପଡ଼ା, ୧୮।୧୨ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଓ ଖଳିସାହି ଲିଙ୍ଗରାଜ ଉଚ୍ଚବିଦ୍ୟାଳୟର ଧନ୍ଦାମୂଳକ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ହୋଟେଲ, ରେଷ୍ଟୁରାଣ୍ଟ ଓ ବିଭିନ୍ନ କ୍ଷେତ୍ର ପରିଦର୍ଶନ କରି ଜ୍ଞାନ ଆହରଣ କରିଥିବା ଜଣାଯାଇଛି। ୨ଟି ଅନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ ଲିପ୍‌ସା ନନ୍ଦ ଓ ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଧନ୍ଦାମୂଳକ ଶିକ୍ଷକ ବିଶ୍ୱମ୍ଭର ପ୍ରଧାନ, ଅନିଲ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ, ରାଜକିଶୋର ବେହେରା, ଗୋସ୍ୱାମୀ ଦାସଙ୍କ ଗହଣରେ ଛାତ୍ରୀଛାତ୍ରମାନେ ନୟାଗଡ଼ସ୍ଥିତ ଗୋପୀନାଥ ହୋଟେଲ ଓ ରେଷ୍ଟୁରାଣ୍ଟ ପରିଦର୍ଶନରେ ଯାଇ ପର୍ଯ୍ୟଟକମାନଙ୍କ ଖାଦ୍ୟପେୟ, ଆତିଥ୍ୟତା ସମ୍ପର୍କରେ ସବିଶେଷ ଜ୍ଞାନ ଆହରଣ କରିଥିବା ଜଣାପଡ଼ିଛି।

# ୨ ଏତଲାରେ ୩ଜଣଙ୍କ ନାମରେ ମାମଲା

**ଖଣ୍ଡପଡ଼ା, ୧୮।୧୨ (ଅଜୟ କୁମାର ମହାରଣା)**

## ଡ୍ରାଇଭର ସଂଘ ସଭାପତି, ସମିତିସଭ୍ୟା ପ୍ରତିନିଧିଙ୍କ ମଧ୍ୟରେ ବିବାଦ ଘଟଣା

ଖଣ୍ଡପଡ଼ା ଥାନା ଅଧୀନ କଣ୍ଟିଲୋ ଛାମୁପାଟଣାଠାରେ ଶୁକ୍ରବାର ଆୟୋଜିତ ଏକ ବିବାହ ଭୋଜିରେ ଯୋଗଦେବାକୁ ଯାଇଥିବା ଡ୍ରାଇଭର ସଂଘର ସଭାପତି ରଜତ କୁମାର ଦାସଙ୍କ ସହ କଣ୍ଟିଲୋ ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ତଥା ସ୍ୱାମୀ ସରୋଜ କୁମାର ସାହୁଙ୍କ ମଧ୍ୟରେ କଥା କଟାକଟିକୁ ନେଇ ଗଣ୍ଡଗୋଳ ଓ ମାରପିଟର ସୂତ୍ରପାତ ହୋଇଥିଲା। ଏ ସମ୍ପର୍କରେ ଡ୍ରାଇଭର ସଂଘ ସଭାପତି ସରୋଜ ଏବଂ ତାଙ୍କ ୨ ସହଯୋଗୀଙ୍କ ନାମରେ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ନଂ. ୨୯୩/୨୩ରେ ମାମଲା ରୁଜୁ କରି ସରୋଜ ଏବଂ ୨ ସହଯୋଗୀଙ୍କ ନାମରେ ମାମଲା ରୁଜୁ କରିଥିଲା। ପରେ ସରୋଜଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ନଂ. ୨୯୪/୨୩ରେ ଡ୍ରାଇଭର ସଂଘର ସଭାପତି ରଜତଙ୍କ ନାମରେ ମାମଲା ରୁଜୁ କରିଥିବା ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କଠାରୁ ପ୍ରକାଶ। ସମିତିସଭ୍ୟାଙ୍କ ସ୍ୱାମୀ ସରୋଜଙ୍କ ଅଭିଯୋଗକ୍ରମେ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ସ୍ଥାନୀୟ ଅଞ୍ଚଳର ଏକ ବିବାହ ଭୋଜିରେ ସେ ଯୋଗ ଦେବାକୁ ଯାଇଥିବା ବେଳେ ଡ୍ରାଇଭର ସଂଘ ସଭାପତି ରଜତଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଜାତିଆଣ ଆକ୍ଷେପ କରି ରଜତ, ସରୋଜଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିବା ସରୋଜ ଥାନାରେ ପରେ ଲିଖିତ ଅଭିଯୋଗ କରିଥିଲେ। ଉଭୟପକ୍ଷର ଅଭିଯୋଗକୁ ଭିତ୍ତିକରି ପୋଲିସ ୨ଟି ମାମଲା ରୁଜୁ କରିଛି।

# ଗ୍ରାମବାସୀଙ୍କ ବିରୋଧ ଯୋଗୁ ଆମ ବ୍ୟାଙ୍କ କୋଠା ନିର୍ମାଣ ବନ୍ଦ

**ଖଣ୍ଡପଡ଼ା, ୧୮।୧୨ (ଅଜୟ କୁମାର ମହାରଣା)**



ଖଣ୍ଡପଡ଼ା ବ୍ଲକ ଅଧୀନ ରୟତ ଢୋଲମରା ଗ୍ରାମର ନେଳିଆ ପୋଖରୀ ହୁଡ଼ାରେ ଆମ ବ୍ୟାଙ୍କ ଶାଖାର ଏକ ନୂତନ କୋଠା ନିର୍ମାଣକୁବିରୋଧ କରି ସ୍ଥାନୀୟ ବାସିନ୍ଦା ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନର ଦୃଷ୍ଟିଆକର୍ଷଣ କରିଥିଲେ। ମାତ୍ର ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍ଥାନୀୟ ଅଞ୍ଚଳର ଜନୈକ ଠିକାଦାର ପୋଖରୀ ହୁଡାରେ ଆମ ବ୍ୟାଙ୍କର ନୂତନ କୋଠା ନିର୍ମାଣ ଜାରି ରଖିବା ସହ ଜେସିବ ମେଶିନ ଯୋଗେ ଗାତ ଖୋଳି ନିଅଁ ପକା କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ପୋଖରୀ ହୁଡାଟି ବ୍ୟାଙ୍କ କାର୍ଯ୍ୟାଳୟ ନିମନ୍ତେ ଉପଯୁକ୍ତ ସ୍ଥାନ ନୁହେଁ ବୋଲି କେତେଜଣ ଗ୍ରାମବାସୀ ଅଭିଯୋଗ ଉଠାଇ ପ୍ରଶାସନର ହସ୍ତକ୍ଷେପ ଲୋଡ଼ି ଥିଲେ। ତେବେ ପୋଖରୀ ହୁଡା ପରିବର୍ତ୍ତେ ଅନ୍ୟସ୍ଥାନରେ (ସରକାରୀ ଜାଗାରେ) ବ୍ୟାଙ୍କ ଶାଖା କୋଠା ନିର୍ମାଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି ଉଠାଇ ଠିକାଦାରଙ୍କ ଦ୍ୱାରା ପୋଖରୀ ହୁଡାରେ ଚାଲିଥିବା କୋଠା ନିର୍ମାଣ କାର୍ଯ୍ୟକୁ ବନ୍ଦ କରି ଦେଇଥିବା ଜଣାପଡ଼ିଛି। ତେବେ ପୋଖରୀ ହୁଡ଼ାରେ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ନିର୍ମାଣକୁ କେନ୍ଦ୍ରକରି ଗାଁର ୨ ଗୋଷ୍ଠୀ ମଧ୍ୟରେ ଅଶାନ୍ତ ଅସନ୍ତୋଷ ଲାଗି ରହିଛି। ଏ ସମ୍ପର୍କରେ ବିଡିଓ ଅଙ୍କୁର ଅଭିଳାଷଙ୍କୁ ପଚାରିବାରେ ସପ୍ତାହ ମଧ୍ୟରେ ଏହି ସମସ୍ୟାର ସମାଧାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

**ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ**

ଯାଜପୁର ଟାଉନ,(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) : ସୋମବାର ସନ୍ଧ୍ୟାରେ ଏକ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ବାହାବଲପୁର ଗ୍ରାମର ମାଧବ ଚନ୍ଦ୍ର ସାହୁ(୪୬) ଏକ ସ୍କୁଟିରେ ବାହାବଲପୁରକୁ ଫେରୁଥିବା ସମୟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ଗାଡି ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଫଳରେ ମାଧବ ରାସ୍ତା ଉପରେ ଛିଟିକି ପଡିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଖଣି ନିଗମର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରୁଛନ୍ତି ।


ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଓ ଅନ୍ୟମାନେ ।

**କାଳିଆପାଣି,୧୮।୧୨(ଅସିତ ମହାନ୍ତ)**

ଓଡ଼ିଶା ଖଣି ନିଗମ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ହୋଇଥିବା ବିଭିନ୍ନ ପ୍ରକଳ୍ପ କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ସୋମବାର ଉଦ୍‌ଘାଟନ କରିଛନ୍ତି । ଓଡ଼ିଶା ଖଣି ନିଗମ ଦ୍ୱାରା ନିର୍ମିତ ହେବାକୁ ଥିବା ୫ ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ ସହ ଅନୁନ୍ୟ ୫ଶହ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଭିନ୍ନ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ । ୧୫୦ କୋଟି ବ୍ୟୟ ଅଟକଳରେ ଯାଜପୁର ଜିଲା ଦକ୍ଷିଣ କାଳିଆପାଣିଠାରେ ନିର୍ମାଣ ହୋଇଥିବା କ୍ରୋମ ଓର ବିଶୋଧନାଗାର (-୨) , ଚିରିଗୁଣିଆଠାରେ ନିର୍ମିତ ଅନାଲେଟିକାଲ ଲାବ୍ରୋଟାରୀ, ନମୁନା ପ୍ରକ୍ରିୟାକରଣ କେନ୍ଦ୍ର, ସ୍ୱାସ୍ଥ୍ୟସେବା ପାଇଁ ଆରୋଗ୍ୟ ବାହାନ ନାମକ ଭ୍ରାମ୍ୟମାଣ ଡାକ୍ତରୀ ସେବା ଆମ୍ବୁଲାନ୍ସ , ଦୈତାରୀ ଖଣିର ନମୁନା ପ୍ରକ୍ରିୟାକରଣ କେନ୍ଦ୍ର , ଅନାଲେଟିକାଲ ଲାବ୍ରୋଟାରୀ, ବାଙ୍ଗୁର ଖଣିର ନମୁନା ପ୍ରକ୍ରିୟାକରଣ କେନ୍ଦ୍ର ପରି ବିଭିନ୍ନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ଏହି ଉପଲକ୍ଷେ କାଳିଆପାଣି ଟାଉନସିପ୍ ଖେଳ ପଡିଆରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କାଳିଆପାଣି, ଦୈତାରୀ, ବାଙ୍ଗୁର ଜୋନ୍‌ର ଶତାଧିକ କର୍ମଚାରୀ ଓ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡେଇ ,ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ସୁକିନ୍ଦା ତହସିଲଦାର ଦମୟନ୍ତୀ ସାହୁ ,ବିଡିଓ ନମ୍ରତା ମୋଦୀ, ବ୍ଲକ ଅଧକ୍ଷ ଦିବ୍ୟରଞ୍ଜନ ବରାଳ ପ୍ରମୁଖ ଯୋଗ ଦେଇଥିଲେ । ଖଣି ନିଗମ କ୍ରୋମ ଜୋନ ଆଞ୍ଚଳିକ ପରିଚାଳକ ଆଶିଷ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୈତାରୀ ଆଞ୍ଚଳିକ ପରିଚାଳକ ଇଂ.ବିଭୁତି ଭୂଷଣ ନାୟକ, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର, ପ୍ରଶାସନିକ ଅଧିକାରୀ ସୁମିତ ପାଢ଼ୀ, ଦେବାଶିଷ ସାମଲ, ପରିଚାଳକ ଗଣେଶ୍ୱର ଭୂୟାଁ, ମନୋଜ ସେଠୀ, ସତ୍ୟବ୍ରତ ଦାସ , କାର୍ମିକ ପରିଚାଳକ ସୁଶାନ୍ତ ସେଠୀ, ମଧୁସ୍ମିତା ଦାସଙ୍କ ସହ ଟାଟା ଷ୍ଟିଲ ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ, ଇମ୍ଫା ଖଣି ମୁଖ୍ୟ ସନ୍ଦୀପ ବାପୁ ରାଓ ନାରେଡ ,ବେଦାନ୍ତ ଖଣି ମୁଖ୍ୟ ମୁଥୁମାରୀ ଏମ୍ ପ୍ରମୁଖ ଯୋଗ ଦେଇଥିଲେ ।

# ବିଦେଶୀ ମଦ ଦୋକାନକୁ ଗ୍ରାମବାସୀଙ୍କ ବିରୋଧ

**ବିଞ୍ଝାରପୁର,୧୮।୧୨(ରାମକୃଷ୍ଣ ଦାସ)**


ବିଭାଗୀୟ ଅଧିକାରୀଙ୍କ ସହ ଗ୍ରାମବାସୀ ଆଲୋଚନା କରୁଛନ୍ତି ।

ବିଞ୍ଝାରପୁର ବ୍ଲକ ଶାସନ୍ଦା ପଞ୍ଚାୟତ ସଂଲଗ୍ନ ଯାଜପୁର- ସିଂହପୁର ମୁଖ୍ୟ ରାସ୍ତାର ତାଉଁତରା ଛକରେ ନୂଆ କରି ଖୋଲାବାକୁ ଥିବା ସରକାରୀ ବିଦେଶୀ ମଦ ଦୋକାନକୁ ଶାସନ୍ଦା ଓ ଅରେଇ ପଞ୍ଚାୟତର ଶତାଧିକ ପୁରୁଷ ଓ ମହିଳା ବିରୋଧ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ତାଉଁତରା ଛକରେ ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି। ଏଥିପାଇଁ ସୋମବାର ପୂର୍ବାହ୍ନରେ ଅବକାରୀ ଓ ରାଜସ୍ୱ ଅଧିକାରୀମାନେ ସରଜମିନ ତଦନ୍ତ କରିବା ପାଇଁ ତାଉଁତରା ଛକରେ ପହଞ୍ଚିଥିଲେ। ଚାଉଁତରା ଛକରେ ବିଦେଶୀ ମଦ ଦୋକାନ ଖୋଲା ଯାଉଥିବା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଶାସନ୍ଦା ଓ ଅରେଇ ପଞ୍ଚାୟତର ଶତାଧିକ ପୁରୁଷ ଓ ମହିଳା ସରପଞ୍ଚ କାମଦେବ ଧଳ, ହେମେନ୍ଦ୍ର ସାମଲ, ଦେବାନନ୍ଦ ମଲିକଙ୍କ ନେତୃତ୍ୱ ପ୍ରସ୍ତାବିତ ମଦ ଦୋକାନ ସ୍ଥାନ ନିରୂପଣ ପାଇଁ ଆସି ଥିବା ଅଧିକାରୀଙ୍କ ନିକଟରେ ଆପତ୍ତି କରାଯାଇଥିଲେ । ଚାଉଁତରା ଛକରେ ବିଦ୍ୟାଳୟ, ମନ୍ଦିର, ସମବାୟ ସମିତି, ଜଳସେଚନ ପ୍ରକଳ୍ପ, ଏକ ଦଳିତ ବସ୍ତି ଆଦି ଥିବାବେଳେ ସେଠାରେ ମଦ ଦୋକାନ ହେଲେ ନାନା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ। ସେଠାରେ ମଦ ମଦ ଦୋକାନ ନ ଖୋଲିବାକୁ ଉପସ୍ଥିତ ଥିବା ବିଞ୍ଝାରପୁର ତସିଲଦାରଙ୍କ ନିକଟରେ ଗ୍ରାମବାସୀ ଦାବି କରିଥିଲେ। ଯଦି ପ୍ରଶାସନ ମଦ ଦୋକାନକୁ ବନ୍ଦ କରିବାକୁ ପଦକ୍ଷେପ ନ ନିଅନ୍ତି ତେବେ ଗ୍ରାମବାସୀ ଆଇନକୁ ହାତକୁ ନେବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଥିଲେ । ଖବର ପାଇ ବିଞ୍ଝାରପୁର ପୋଲିସ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲା। ଗ୍ରାମବାସୀଙ୍କ ଦାବିକୁ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ଉପସ୍ଥିତ ଅଧିକାରୀମାନେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇ ଫେରିଥିଲେ ।

# ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହାର

**ଆବାସ ଯୋଜନାରୁ ନାମ ବାଦ୍ ପଡିବା ପ୍ରସଙ୍ଗ**

**ବରୀ,୧୮।୧୨(ମହେନ୍ଦ୍ର ସ୍ୱାଇଁ) :**

ବରୀ ବ୍ଲକ ଅଲିପୁର ପଞ୍ଚାୟତର ଭବାନୀପୁର ଗ୍ରାମର ରବିନ୍ଦ୍ର ନାଥଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଚୂଡ଼ାନ୍ତ ତାଲିକାରେ ଥିଲା । ମାତ୍ର ଦାୟିତ୍ୱରେ ଥିବା ତଦନ୍ତକାରୀ ଅଧିକାରୀମାନଙ୍କ ତୃଟି ଯୋଗୁ ତାଙ୍କ ନାମ ଏହି ତାଲିକାରୁ ବାଦ ଦିଆଯାଇଥିଲା। ଏହି ଘଟଣା ପରେ ରବିନ୍ଦ୍ରନାଥ ଗତ ୧୧ତାରିଖରେ ବରୀ ବ୍ଲକ୍‌ରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣୀ ଶିବିରରେ ଲିଖିତ ଅଭିଯୋଗ କରିଥିଲେ । ଏକ ସପ୍ତାହ ମଧ୍ୟରେ ଆବାସ ପ୍ରଦାନ କରା ନ ଗଲେ ମୁଁ ମୋର ବିଧବା ମା' ଓ ଦିବ୍ୟାଙ୍ଗ ଭଉଣୀଙ୍କୁ ନେଇ ଆମରଣ ଅନଶନରେ ବସିବି ବୋଲି ଚେତାବନୀ ଦେଇଥିଲେ । ଏ ସଂକ୍ରାନ୍ତରେ ସେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷ, ଯାଜପୁର ଜିଲାପାଳ, ବରୀ ବିଡିଓ ଏବଂ ତହସିଲଦାରଙ୍କୁ ଅବଗତ କରିଥିଲେ । ସୋମବାର ରବିନ୍ଦ୍ର ତାଙ୍କ ପରିବାର ସଦସ୍ୟଙ୍କ ସହ ବ୍ଲକ୍ କାର୍ଯ୍ୟାଳୟ ପରିସରେ ଅନଶନ ଆରମ୍ଭ କରିଥିଲେ । ସାମାଜିକ କର୍ମୀ ବିବେକାନନ୍ଦ ନାଥ, ଯାଜପୁର ଜିଲା ସମାଜସେବୀ ମହାସଂଘର କର୍ମକର୍ତ୍ତା ଜନ୍ମେଜୟ ମହାନ୍ତି ଓ ଅନ୍ୟ ସଦସ୍ୟମାନେ ନ୍ୟାୟ ଦାବିରେ ରବିନ୍ଦ୍ରଙ୍କୁ ସମର୍ଥନ ଜଣାଇ ଅନଶନରେ ସାମିଲ ହୋଇଥିଲେ । ଅପରାହ୍ନରେ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ପଞ୍ଚାନନ ମଲିକ, ବରୀ ତହସିଲଦାର ସାଇ ଶ୍ରୀ ଲୋକନାଥ ସେଠୀ, ବରୀ ରାମଚନ୍ଦ୍ରପୁର ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ ଏବଂ ସ୍ଥାନୀୟ ସରପଞ୍ଚ ମଧୁସ୍ମିତା ବେହେରା ପ୍ରମୁଖ ପହଞ୍ଚି ରବିନ୍ଦ୍ରଙ୍କୁ ବୁଝାଶୁଝା କରିଥିଲେ । ଜାନୁୟାରୀ ୧୪ ସୁଦ୍ଧା ତାଙ୍କ ପରିବାର ପାଇଁ ସମ୍ପୂର୍ଣ୍ଣ ସରକାରୀ ସହାୟତାରେ ଏକ ଅସ୍ଥାୟୀ ଗୃହ ନିର୍ମାଣ କରାଯିବ । ଆଗାମୀ ଦିନରେ ଏହି ଦିବ୍ୟାଙ୍ଗ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାକୁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରବିନ୍ଦ୍ର ଅନଶନ ପ୍ରତ୍ୟାହାର କରିଛନ୍ତି।

# ହିନ୍ଦୁଧର୍ମ ପରମ୍ପରାର ସୁରକ୍ଷା ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ଯାଜପୁର ଟାଉନ,୧୮।୧୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି) :**


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ହିନ୍ଦୁ ସମାଜର କର୍ମକର୍ତ୍ତା ।

ହିନ୍ଦୁ ଧର୍ମର ବିଶ୍ୱାସ, ଆସ୍ଥା ଓ ପରମ୍ପରାର ସଂରକ୍ଷଣ ପାଇଁ ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ସୋମବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସମ୍ପ୍ରତି ବିଭିନ୍ନ ଅଣ ହିନ୍ଦୁସଙ୍ଗଠନ ଦ୍ୱାରା ହିନ୍ଦୁ ସମାଜର ଅସ୍ମିତାକୁ ଜାଣିଶୁଣି କୁଠାରଘାତ କରାଯାଉଛି। ଏହାକୁ ନେଇ ହିନ୍ଦୁ ସମାଜ ପକ୍ଷରୁ କ୍ଷୋଭପ୍ରକାଶ କରାଯାଇଛି। ଯାଜପୁର ଜିଲା ଗୋ-ସୁରକ୍ଷା ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରିବା ସହିତ ଗୋ ଚାଲାଣ ବନ୍ଦ କରିବା, ଗୋଚର ଜମିକୁ ଗୋମାତାଙ୍କ ନିମନ୍ତେ ସଂରକ୍ଷିତ ରଖାଯିବା, ବ୍ଲକ୍‌ରେ ଗୋ-ଶାଳା ନିର୍ମାଣ, ହିନ୍ଦୁ ଦେବୋତ୍ତର ଆଇନ ମୁତାବକ ମଠ, ମନ୍ଦିର ଓ ସାଧୁସନ୍ଥଙ୍କୁ ସୁରକ୍ଷା ଦିଆଯିବା, ଜିଲାରେ ଧର୍ମାନ୍ତରୀକରଣ ଆଇନ୍‌କୁ କଡାକଡି ଭାବେ ଲାଗୁ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଯାଜପୁର ଜିଲାରେ ବାଙ୍ଗଲାଦେଶୀ, ରୋହିଙ୍ଗିଆମାନଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଅଣହିନ୍ଦୁ ଯୁବକମାନେ ନିଜର ପରିଚୟ ଲୁଚାଇ ହିନ୍ଦୁ ଯୁବତୀମାନଙ୍କୁ ପ୍ରେମରେ ଫସାଇ ଲଭ୍ ଜିହାଦ୍ ର ଷଡଯନ୍ତ୍ର ରଚୁଛନ୍ତି । ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିକରି ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ସତ୍ୟରଞ୍ଜନ ନାୟକ, ହୃଶିକେଷ ପରିଡା, ଅଶ୍ୱିନୀ କୁମାର ସାହୁ, ଶ୍ରୀକାନ୍ତ ସାହୁ, ଜଗବନ୍ଧୁ ସାହୁ, ପ୍ରବୀର କୁମାର ପଣ୍ଡା, ବିପିନ୍ ବିହାରୀ ନାୟକ, ଶ୍ରୀକାନ୍ତ କୁମାର ପ୍ରଧାନ, ସ୍ମୃତିରଞ୍ଜନ ରାଉତରାୟ, ଦିଲୀପ ରାଉତ କର୍ମକର୍ତ୍ତା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ପୁସ୍ତକ ମେଳାରେ ନାଟକ 'ପଥ' ମଞ୍ଚସ୍ଥ

**ଯାଜପୁର ଟାଉନ,୧୮।୧୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)**

ଯାଜପୁର ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟାରେ ଆହ୍ୱାନ ଅନୁଷ୍ଠାନ ଦ୍ୱାରା ନାଟକ ପଥ ମଞ୍ଚସ୍ଥ କରାଯାଇଥିଲା। ଏଥିରେ ପୁସ୍ତକ ମେଳାର ସଭାପତି ସନ୍ତୋଷ ନନ୍ଦ, ସମ୍ପାଦକ କାହ୍ନୁ ଚରଣ ମିଶ୍ର, ସୁବାସ ମହାପାତ୍ର, ଖବରଦାତା ତପନ ମହାରଣ୍ୟ ଶର୍ମା ଯୋଗଦେଇ ସମ୍ପାଦକ ତଥା ନାଟକର ନିର୍ଦ୍ଦେଶ ବିଶ୍ୱଜିତ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଖଳ ଅଭିନେତା ପ୍ରଶାନ୍ତ ପତି ଯୋଗଦେଇ ନାଟକକୁ ଅଧିକ ରୁଚିମନ୍ତ କରିବା ପାଇଁ ମତ ପ୍ରକାଶ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବବୁଲ


@ ବୀରେନ୍ଦ୍ର


@ ପ୍ରେମରାଜ


@ ରଞ୍ଜୁରାଣୀ


@ ସତ୍ୟରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଡିଗ୍ରୀ କଲେଜରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ବ୍ରହ୍ମବରଦା,୧୮।୧୨(ଯଯାତି କେଶରୀ ବେହେରା)**

ବ୍ରହ୍ମବରଦା ଡ଼ିଗ୍ରୀ ମହାବିଦ୍ୟାଳୟରେ ସୋମବାର ଅଧକ୍ଷ ମହେଶ୍ୱର ପାଢୀଙ୍କ ଅଧକ୍ଷତାରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ବରୀ ବିଧାୟକ ସୁନନ୍ଦା ଦାସ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ, ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିରଞ୍ଚିନାରାୟଣ ଦାଶ, ପୂର୍ବତନ ସଭାପତି ବିପିନ ବିହାରୀ ଦେଓ, ଶିକ୍ଷାବିତ୍ ଆଲ୍ଲାଉଦ୍ଦିନ ଖାଁ, ସାମାଜିକ କର୍ମୀ ପ୍ରଦୀପ କୁମାର ଦାସ, ଅମୂଲ୍ୟ ରାଉତ, ଶିଶୁ ସାହିତ୍ୟିକ ନିମାଇଁ ଚରଣ ଦାସ, ଅବ୍ଦୁଲ ଦୟାନ ଖାଁ, ଅବସରପ୍ରାପ୍ତ ଅଧକ୍ଷ କିଶୋର ଜେନା, ନୃସିଂହ ଚରଣ ନାୟକ ଓ ବ୍ରହ୍ମବରଦା ହାଇୟର ସେକେଣ୍ଡାରୀ ଅଧକ୍ଷ ଡ.ସୁଦର୍ଶନ ପୃଷ୍ଟି ଯୋଗଦେଇଥିଲେ। ମହାବିଦ୍ୟାଳୟର ସଂସ୍କୃତ ବିଭାଗର ଅଧାପକ ଡ. ରଶ୍ମୀରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ରୀଛାତ୍ରଙ୍କ ପ୍ରଦର୍ଶିତ କାଳୀୟଦଳନ ନୃତ୍ୟ ଅତିଥିଙ୍କ ମନ ମୋହିଥିଲା। ଖେଳ କାର୍ଯ୍ୟନିର୍ବାହୀ ଅଧିକାରୀ ଶିବ ପ୍ରସାଦ ସାହୁ, ସାମାଜିକ କାର୍ଯ୍ୟନିର୍ବାହୀ ଅଧିକାରୀ ବାବୁଲି ରଣା, ଅଧାପକ ଅମୂଲ୍ୟ କୁମାର ପତି, ସୂର୍ଯ୍ୟକାନ୍ତ ରାଉତ, ବିବେକାନନ୍ଦ ଜେନା, ଅଫିସ ସହାୟକ ଧର୍ମେନ୍ଦ୍ର ମହାନ୍ତି, ବିନୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# କୁଆଁରେଶ୍ୱର ପୀଠର ଉନ୍ନତି ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ

**ଝୁମ୍ପୁରୀ,୧୮।୧୨(ସରୋଜ ନାୟକ)**



ଦଶରଥପୁର ବ୍ଲକ୍ ଚମ୍ପେଇପାଳ ପଞ୍ଚାୟତ କୁଆଁରପୁର ଗ୍ରାମର ସର୍ବପୁରାତନ ଶୈବ ପୀଠ କୁଆଁରେଶ୍ୱର ପୀଠର ଉନ୍ନତି ପାଇଁ ରାଜ୍ୟ ସରକାର ୧୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି । ଆଜକୁ ପ୍ରାୟ ୧୫୦ ବର୍ଷ ତଳେ ପ୍ରତିଷ୍ଠା ହୋଇଥିବା ଏହି ପାତାଳେଶ୍ୱରୀ ମହାଦେବଙ୍କ ପୀଠ ଅବହେଳିତ ଅବସ୍ଥାରେ ରହିଆସିଥିଲା । ଲୋକକଥା ଅଛି ଏହି ମନ୍ଦିରରେ ସ୍ୱୟଂମ୍ଭୁ ବାବା କୁଆଁରେଶ୍ୱର ଭକ୍ତମାନଙ୍କ ଡାକ ଶୁଣିଥାନ୍ତି । ବହୁ ଲୋକ ଏଠାରେ ଅଧିଆ ପଡ଼ି ବାବାଙ୍କ କୃପାଲାଭ କରିଥାନ୍ତି । ଏହି ମହାଦେବଙ୍କ ମହିମା ସ୍ଥାନୀୟ ଅଞ୍ଚଳବାସୀଙ୍କ ମୁହଁରୁ ଶୁଣିବାକୁ ମିଳିଥାଏ । ପ୍ରାଚୀନ ପୀଠ ହୋଇଥିବାବେଳେ ପୀଠଟିର ଉନ୍ନତି ହୋଇପାରି ନ ଥିଲା । ସ୍ଥାନୀୟ ସରପଞ୍ଚ ହିମାଂଶୁ ନାୟକ ଏହି ପୀଠର ଉନ୍ନତି ପାଇଁ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ଅନୁରୋଧ କରିଥିଲେ । ଦାସ ଏହି ପୀଠର ଉନ୍ନତି ପାଇଁ ୧୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି । ସେହି ଅନୁଦାନରେ ପ୍ରାର୍ଥନା ଘର ଏବଂ ପାରିପାର୍ଶ୍ୱିକ ଉନ୍ନତି ହେବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ସରପଞ୍ଚଙ୍କ ଉଦ୍ୟମ ଓ ବିଧାୟକ ଦାସଙ୍କ ସହଯୋଗରେ ଏହି ପୀଠର ଆଜି ଉନ୍ନତି ସମ୍ଭବ ହୋଇପାରିଛି ବୋଲି ଗ୍ରାମର ଅବସରପ୍ରାପ୍ତ ଶିକ୍ଷାବିତ୍ ନରେଶ ଚନ୍ଦ୍ର ନାୟକ, ପ୍ରବୀର କୁମାର ନାୟକ, ସୁମନ୍ତ ନାୟକ ପ୍ରମୁଖ କହିଛନ୍ତି ।

# ଭାଜପା ପକ୍ଷରୁ ରସୁଲପୁର ବ୍ଲକ ଘେରାଉ

**ରସୁଲପୁର,୧୮।୧୨(ରଞ୍ଜିତ ରାଉତ)**

ଯାଜପୁର ଜିଲା ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବ୍ଲକ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ସରକାର ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡି ରହିଥିବା ଅଭିଯୋଗ କରି ଭାଜପା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିଲା । ଏହି କ୍ରମରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକପଥ ପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା ଦଳୀୟ ନେତାମାନେ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାରଙ୍କ ଅର୍ଥକୁ ରାଜ୍ୟରେ ବାଟମାରଣା କରାଯାଉଛି । ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା ବୋଲି କିଛି ନାହିଁ, କେନ୍ଦ୍ରୀୟ ଯୋଜନାର ରୂପ ବଦଳାଇ ଲୋକଙ୍କୁ ଭୁଆଁ ବୁଲାଯାଉଛି ବୋଲି ଅଭିଯୋଗ କରିଥିଲେ । ସରକାରଙ୍କ ଆବାସ ଯୋଜନା ବନ୍ଦ ହୋଇଯାଇଥିବା ବେଳେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁନାହିଁ । କୃଷକ ସମ୍ମାନନିଧି ଯୋଜନା ବାଟବଣା ହୋଇଯାଇଛି । ଗାଁ ଲୋକଙ୍କ ଘରକୁ ପାନୀୟ ଜଳ ଯୋଗାଇ ଦେବାକୁ କେନ୍ଦ୍ର ସରକାର ୧୫ହଜାର କୋଟି ଟଙ୍କା ଅନୁଦାନ ଦେଇଛନ୍ତି । ଏହି ଅର୍ଥର ସୁବିନିଯୋଗ କରାଯାଉ ନାହିଁ । ମଣ୍ଡିରେ କୃଷକ ମାରଣନୀତି ଚାଲିଛି। ନକଲି ଚାଷୀ ଓ ବ୍ୟବସାୟୀଙ୍କ ପକେଟକୁ ସରକାରଙ୍କ ଅର୍ଥ ଯାଉଛି। ପଞ୍ଚାୟତର କ୍ଷମତାକୁ ଅପହରଣ କରି ନିଆଯାଇଛି । ସରପଞ୍ଚମାନଙ୍କୁ ପଞ୍ଚାୟତରେ ସ୍ଥାଣୁ କରିବାକୁ ପ୍ରୟାସ କରାଯାଉଛି । ପଞ୍ଚାୟତରେ ପଲ୍ଲୀସଭା, ଗ୍ରାମସଭା ବସୁନାହିଁ । ବିଭାଗୀୟ ଅଧିକାରୀଙ୍କୁ ହାତବାରିସ କରି ସରକାରୀ ଅନୁଦାନକୁ ହଡପ କରାଯାଉଛି ବୋଲି ଅଭିଯୋଗ କରିଥିଲେ । ଏଭଳି ଅସ୍ଥିରତା, ଦୁର୍ନୀତି, ଭ୍ରଷ୍ଟାଚାର ଚରମସୀମାରେ ପହଞ୍ଚିଛି । ଏଥିରେ ରସୁଲପୁର ବ୍ଲକ ରାଜ୍ୟରେ ଆଗରେ ରହିଛି ବୋଲି ଭାଜପା ନେତାମାନେ ମତବ୍ୟକ୍ତ କରିଥିଲେ ।

ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ମୁଖ୍ୟଅତିଥି ଭାବେ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଯତିନ ମହାନ୍ତି, ସମ୍ମାନିତ ଅତିଥି ଧର୍ମଶାଳା ଭାଜପା ନେତା ସ୍ମୃତିରେଖା ପହି, ହିମାଂଶୁ ଶେଖର ସାହୁ, ନରେଶ ଚନ୍ଦ୍ର ମହାନ୍ତି, ବରୀରୁ ଉମେଶ ଜେନା, କୋରେଇରୁ ବିଶ୍ୱଜିତ୍ ନାୟକ, ଜିଲା ସାଧାରଣ ସମ୍ପାଦକ ସୁଦୀପ୍ତ ପଣ୍ଡା, ସମ୍ପାଦକ ମୁକୁନ୍ଦଦେବ ମହାନ୍ତି, ବରିଷ୍ଠ ସଙ୍ଗଠକ ଶଶିଭୂଷଣ ସାହୁ, ସର୍ବେଶ୍ୱର ବେହୁରା, ବିକ୍ରମ ବିଶ୍ୱାଳ, ରାଧାମାଧବ ପରିଡା, ବିଶ୍ୱଭୂଷଣ ସାହୁ, ପ୍ରଫୁଲ୍ଲ ଗିରି, ଲକ୍ଷ୍ମୀଧର ପତି, ପବିତ୍ର ଦାଶ, ସୌଭାଗ୍ୟ ମିଶ୍ର, ନାରାୟଣ ମଲ୍ଲିକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚାନ କରିଥିଲେ। ଏହି ଅବସରରେ ଭାଜପା ରସୁଲପୁର ମଣ୍ଡଳ ପକ୍ଷରୁ ଏବିଡିଓ ଦିବ୍ୟକାନ୍ତି ମିଶ୍ରଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ବ୍ଲକର ୨୮ ପଞ୍ଚାୟତରୁ ପ୍ରାୟ ୪ହଜାର ଭାଜପା ସମର୍ଥକ ଯୋଗଦେଇଥିଲେ। ପ୍ରାରମ୍ଭରେ କର୍ମୀମାନେ କୁଆଖିଆ ବଜାରରୁ ଏକ ବିରାଟ ପଦୁଆରରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ ।


ଭାଜପା ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# କେରେଡ଼ାଗଡ଼ ରଥ ଦାଣ୍ଡରେ ପାଣ୍ଡିଆନଙ୍କ ସଭା

ରାଜନଗର, ୧୮।୧୨ (ଭାସ୍କର ରାଉତରାୟ)


କେରେଡାଗଡ ରଥଦାଣ୍ଡରେ ପାଣ୍ଡିଆନଙ୍କ ସଭାରେ ଯୋଗଦେଇଥିବା ଲୋକମାନେ।

ଆପଣମାନେ କେମିତି ଅଛନ୍ତି, ଭଲ କି ବେଶି ଭଲ, ଉତ୍ତର-ବେଶି ଭଲ। ଏପ୍ରିଲ ୨୮ରେ ଏହି ସ୍ଥାନକୁ ଆସିଥିଲି, ପୂରା ଦୁଃଖ ପରିବେଶ ଥିଲା। ବହୁତ ଲୋକ କହିଲେ ଏତେ ଦୁଃଖ ଓ ଆପଣମାନେ ରାଗରେ ଅଛନ୍ତି, ସେଠାକୁ ଗଲେ ଠିକ୍ ହେବନି ବୋଲି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଥା ଆପଣଙ୍କୁ ଦେଇଥିଲି, ୨ମାସ ମଧ୍ୟରେ କେରେଡ଼ାଗଡ଼-ଦକ୍ଷିଣଡ଼ିଆ ସେତୁ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ାକୁ ବହୁତ ଭଲ ପାଆନ୍ତି। ବିଭିନ୍ନ କାର୍ଯ୍ୟାଳୟକୁ ଚିଠି କରି ୬୦ଦିନ ମଧ୍ୟରେ ପୋଲ କାମ ଆରମ୍ଭ କରିବାକୁ କହିଥିଲେ। ଏଥିପାଇଁ ପ୍ରାୟ ୬୦କୋଟି ଟଙ୍କା ମଞ୍ଜୁର ହୋଇଛି। ଏବେ ପୋଲକାମ ଅନୁଧ୍ୟାନ କଲି, ଇଞ୍ଜିନିୟରମାନେ କହୁଛନ୍ତି ସମୟସୀମା ପୂର୍ବରୁ କାମ ସରିବ ବୋଲି ରାଜନଗର ବ୍ଲକର କେରେଡ଼ାଗଡ଼ଠାରେ ସାଧାରଣ ସଭାରେ ଯୋଗଦେଇ ୫-ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ଏପ୍ରିଲ ୨୮ରୁ ୬ ମାସ ମଧ୍ୟରେ ରାଜନଗର ନିର୍ବାଚନମଣ୍ଡଳୀକୁ ୧୩୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ହେଉଛି ରୂପାନ୍ତରୀକରଣର ଗୋଟେ ନମୁନା। ଆପଣମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ମୁଖ୍ୟମନ୍ତ୍ରୀ ଦିନ ରାତି ଖଟୁଛନ୍ତି। ଏଥିସହ ଆସନ୍ତା ଫେବୃୟାରୀ ସୁଦ୍ଧା ରାଜନଗର ନିର୍ବାଚନମଣ୍ଡଳୀର ସମସ୍ତ ପଞ୍ଚାୟତରେ ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ ହେବ। ମା'ମାନଙ୍କ ପାଇଁ ଟିକେଟର ଦାମ ୫ ଟଙ୍କା। ଛାତ୍ରୀଛାତ୍ରମାନେ ମଧ୍ୟ ଏହାର ସୁଯୋଗ ନେବେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଯେଉଁମାନେ କାର୍ଡ଼ ପାଇନାହାନ୍ତି, ଖବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଖୁସି ଖବର ଦେବେ ବୋଲି କହିଥିଲେ। ରାଜନଗର ନିର୍ବାଚନମଣ୍ଡଳୀକୁ ମିଳିଥିବା ସରକାରୀ ଅନୁଦାନର ହିସାବ ଦେବା ବେଳେ ଯେହେତୁ ଏହା ମୋ ଶ୍ୱଶୁରଙ୍କ ଘର, ହିସାବପତ୍ର ଠିକ୍‌ଠାକ୍ ରଖିବାକୁ ପଡ଼ିବ, ପେପର ନ ଦେଖି କେଉଁଥି ପାଇଁ କେତେ ଟଙ୍କା ମିଳୁଛି ମୁଁ କହିପାରୁଛି, ନାହିଁ ତ ଘରେ ଗାଳି ମିଳିବ ବୋଲି ପାଣ୍ଡିଆନ କହିଥିଲେ।

ରାଜନଗର ବିଧାୟକ ଧ୍ରୁବ ସାହୁ ସ୍ୱାଗତ ଭାଷଣ ଦେବା ସହ ରାଜନଗରରେ କିପରି ରୂପାନ୍ତରୀକରଣ ଚାଲିଛି କହିଥିଲେ। ଶକ୍ତି ଓ ଶିକ୍ଷ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଏପ୍ରିଲ ୨୮ରେ ପାଣ୍ଡିଆନ ବାବୁ ଗସ୍ତ ବେଳେ କଥା ଦେଇଥିଲେ, ୨ମାସ ମଧ୍ୟରେ ସେତୁ କାମ ଆରମ୍ଭ ହେଲା। ଆଜି ଓ ରାଜନଗରବାସୀ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମ ତଦାରଖ ପାଇଁ ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ କେରେଡ଼ାଗଡ଼ରେ ପହଞ୍ଚି ସଭାସ୍ଥଳ ଓ ହେଲିପ୍ୟାଡ ବୁଲି ଦେଖିବା ସହ ମନ୍ତ୍ରୀ ଓ ରାଜନଗର ବିଧାୟକଙ୍କ ସହ ସାଙ୍ଗଠନିକ ଆଲୋଚନା କରିଥିଲେ। ସଭାମଞ୍ଚରେ

### ଶ୍ୱଶୁରଙ୍କ ଘର, ହିସାବ ପତ୍ର ଠିକ୍ ନ ଦେଲେ ଘରେ ଗାଳି ମିଳିବ

ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଭିତରକନିକାର ଏକ ପଟ୍ଟଚିତ୍ର ୫-ଟି ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିଲେ। ହେଲିକପ୍ଟର ଯୋଗେ ପହଞ୍ଚିବା ପରେ ରାଜନଗରବାସୀ ୫-ଟି ଅଧ୍ୟକ୍ଷଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ସାଧାରଣ ସଭା ପରେ ୫-ଟି ଅଧ୍ୟକ୍ଷ କେରେଡ଼ାଗଡ଼ ଶ୍ରୀଜଗନ୍ନାଥ ମନ୍ଦିରରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଖୁବ୍‌ଶୀଘ୍ର ରୂପାନ୍ତରୀକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ଜିଲା ଓବିସି ସେଲର ଅଧ୍ୟକ୍ଷ ବିଜୟ ନାୟକ, ବ୍ଲକ ବିଜେଡି ଉପସଭାପତି ଗୋବର୍ଦ୍ଧନ ପ୍ରଧାନ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଛାତ୍ର ବିଜେଡି ସଭାପତି ମନୋଜ କୁମାର ମଲ୍ଲିକ, ମହିଳା ବିଜେଡି ସଭାନେତ୍ରୀ ରଶ୍ମି ରଞ୍ଜିତା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବବୁଲ


@ ବୀରେନ୍ଦ୍ର


@ ପ୍ରେମରାଜ


@ ରଞ୍ଜୁରାଣି


@ ସତ୍ୟରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରଘୁଦେଇପୁର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

ଡେରାବିଶ, ୧୮।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଶୁଭାରମ୍ଭ କରିଥିଲେ। ଏଥିରେ ବିଡିଓ ଦାଶରଥି ଜେନା, ତହସିଲଦାର ପ୍ରଜ୍ଞାପାରମିତା ପୃଷ୍ଟି, ସିଡିପିଓ ସ୍ନେହଲତା ସାହୁ, ଏବିଡିଓ ଭଞ୍ଜ କିଶୋର ନାୟକ, ସରପଞ୍ଚ ଭକ୍ତିଲତା ନାୟକ, ସମିତିସଭ୍ୟ ମୋନାଲିସା ମଲିକ ଉପସ୍ଥିତ ରହି ବିଭିନ୍ନ ଗ୍ରାମରୁ ଆସିଥିବା ୬୬ଟି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ମଧ୍ୟରେ ଆଧାର ପଞ୍ଜୀକରଣ, ଅଣସଙ୍ଗଠିତ କ୍ଷେତ୍ର ଶ୍ରମିକ ପଞ୍ଜୀକରଣ, ମାଗଣା ମୃତ୍ତିକା ପରୀକ୍ଷା ଓ ପରାମର୍ଶ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ବୀମା, ଋଣ ଯୋଜନା ପ୍ରସ୍ତୁତି, ପଟ୍ଟା ବଣ୍ଟନ, ଇ-ପାଉତି, ଛାତ୍ରୀଛାତ୍ରମାନଙ୍କ ଜାତିଗତ ପ୍ରମାଣପତ୍ର ଆବେଦନ, ମାଛ ଚାଷ ନିମନ୍ତେ ପାଣି ପରୀକ୍ଷା ଓ ପରାମର୍ଶ ସହ ସରକାରଙ୍କର ମୋ ଘର ଯୋଜନାରେ ସାମିଲ ହେବା ପାଇଁ ଅଧିକାଂଶ ଦରଖାସ୍ତ ରହିଥିଲା। ସେହିପରି ବାସଗୃହ ଯୋଜନା ଏବଂ ରାଶନ କାର୍ଡ଼ ତଥା ଭତ୍ତାରୁ ବଞ୍ଚିତ ଥିବା ହିତାଧିକାରୀ ସେମାନଙ୍କ ଅଭିଯୋଗ ପ୍ରଦାନ କରିଥିଲେ। ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ କେତେଗୋଟି ତ୍ୱରିତ ସମାଧାନ କରାଯିବା ସହ ଅନ୍ୟଗୁଡ଼ିକ ବିଭାଗୀୟ ଅଧିକାରୀଙ୍କ ନିକଟକୁ ବିଡିଓ ଜେନା ପଠାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ମତ୍ସ୍ୟ ବିଭାଗ ପକ୍ଷରୁ ସରସ୍ୱତୀ ସେଠୀ, ପ୍ରମୋଦ କୁମାର ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର ଅଭିଯୋଗମାନ ଗ୍ରହଣ କରିଥଲେ। ଏଥିରେ ୧୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯାଇଥିଲା। ବୀର ନୀଳକଣ୍ଠପୁର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ଧର୍ମେନ୍ଦ୍ର କୁମାର ସିଂଙ୍କ ତତ୍ତ୍ୱାବଧାନରେ ଖୋଲାଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଫାର୍ମାସିଷ୍ଟ ସଲିଳା ତ୍ରିପାଠୀ, ସ୍ୱାସ୍ଥ୍ୟ ସେବିକା ପ୍ରତିନନ୍ଦା ଦାସ, ବନମାଳୀ ସାମଲ, ପ୍ରଶାନ୍ତ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହାକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ସୁଲେଖା ମଲିକ, ଜିଆରଏସ୍ ଦୀପ୍ତି ପାତ୍ର, ରମାକାନ୍ତ ମଲିକ ଓ ନୟନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

# ହାଇକୋର୍ଟ ଜୁଡିସିଆଲ କ୍ୟାଲେଣ୍ଡରରେ ସ୍ଥାନିତ ହେଲା ଶିବାଶିଷଙ୍କ ଚିତ୍ରାଙ୍କନ



ଜୁଡିସିଆଲ କ୍ୟାଲେଣ୍ଡରରେ ଶିବାଶିଷଙ୍କ ଚିତ୍ରାଙ୍କନ।

ଡେରାବିଶ,୧୮।୧୨(ବେବର୍ତ୍ତା ଅଜୟ ଦାସ)

୨୦୨୪ ନୂତନବର୍ଷ ପାଇଁ ପ୍ରସ୍ତୁତ ହୋଇଥିବା ଓଡ଼ିଶା ହାଇକୋର୍ଟର ଜୁଡିସିଆଲ କ୍ୟାଲେଣ୍ଡରରେ ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଗୋପାଳଜୀଉପାଟଣା ଗ୍ରାମର କୁନି ଛାତ୍ର ଶିବାଶିଷ ଦାସଙ୍କ ଚିତ୍ରାଙ୍କନ କ୍ରମାନ୍ୱୟ ଦ୍ୱିତୀୟ ଥର ପାଇଁ ସ୍ଥାନୀତ ହୋଇଛି। ଶିବାଶିଷଙ୍କ ଏହି ବିରଳ କୃତିତ୍ୱ ଡେରାବିଶ ବ୍ଲକ ଅଞ୍ଚଳକୁ ଗୌରବାନ୍ୱିତ କରିଛି।

ସୂଚନା ଅନୁଯାୟୀ ଓଡ଼ିଶା ହାଇକୋର୍ଟର ନବବର୍ଷ ଜୁଡିସିଆଲ କ୍ୟାଲେଣ୍ଡର ପ୍ରସ୍ତୁତ ନିମନ୍ତେ ପ୍ରତିବର୍ଷ ଏକ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥାଏ। ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ୧୨ଜଣଙ୍କ ଚିତ୍ରାଙ୍କନକୁ ମାସୱାରି କ୍ରମାନ୍ୱୟରେ ସ୍ଥାନୀତ କରାଯିବାର ପରମ୍ପରା ରହି ଆସିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୦୨୪ ନୂତନ କ୍ୟାଲେଣ୍ଡର ପ୍ରସ୍ତୁତ ପାଇଁ ହାଇକୋର୍ଟ ପକ୍ଷରୁ ପ୍ରତି ଜିଲାରେ ନଭେମ୍ବର ୧୧ରେ ଗ୍ଲୋବାଲ ୱାର୍ମିଂ ଶୀର୍ଷକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ମୋଟ ୧୭୮୨ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବ୍ଲକ ଅଧୀନ ଗୋପାଳଜୀଉପାଟଣା ଗ୍ରାମର ପ୍ରଭାତ କୁମାର ଦାସଙ୍କ ପୁଅ ତଥା ଭୁବନେଶ୍ୱର ତମାଣ୍ଡୋସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଶିବାଶିଷଙ୍କ ଚିତ୍ରାଙ୍କନଟି ୨ୟ ସ୍ଥାନ ଅଧିକାର କରି ଆସନ୍ତା ଜୁଡିସିଆଲ କ୍ୟାଲେଣ୍ଡରର ଫେବୃୟାରୀ ମାସ ପୃଷ୍ଠାରେ ସ୍ଥାନୀତ ହୋଇପାରିଛି। ଅପରପକ୍ଷରେ ଏହି ଚିତ୍ରାଙ୍କନ ପ୍ରତିଯୋଗିତା ପାଇଁ ରବିବାର ହାଇକୋର୍ଟ ପରିସରରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଯୋଗ ଦେଇ ୨୦୨୪ ନୂତନ ବର୍ଷ ପାଇଁ ପ୍ରସ୍ତୁତ କ୍ୟାଲେଣ୍ଡରକୁ ଉନ୍ମୋଚନ କରିବା ସହ ଚିତ୍ରାଙ୍କନ ପ୍ରତିଯୋଗିତାର ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କ ସମେତ ଶିବାଶିଷଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଛନ୍ତି। ତେବେ ଏପରି ଏକ ବିରଳ କୃତିତ୍ୱର ଅଧିକାରୀ ହୋଇ ପରସ୍କୃତ ହୋଇଥିବା ଶିବାଶିଷଙ୍କୁ ଅଞ୍ଚଳର ବହୁ ଶିକ୍ଷାବିତ ଓ ବୁଦ୍ଧିଜୀବୀମାନେ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସୂଚନାଯୋଗ୍ୟ ୨୦୨୩ରେ ପ୍ରସ୍ତୁତ ହୋଇଥିବା ହାଇକୋର୍ଟର ଜୁଡିସିଆଲ କ୍ୟାଲେଣ୍ଡରରେ ମଧ୍ୟ ଶିବାଶିଷଙ୍କ ଚିତ୍ରାଙ୍କନ ପ୍ରଥମ ସ୍ଥାନ ଦଖଲ କରି ଜାନୁୟାରୀ ପୃଷ୍ଠାରେ ସ୍ଥାନୀତ ହୋଇଥିଲା।

# ପିଲା ସଂସ୍କାରିତ ହେଲେ ଅନ୍ତର୍ନିହିତ ଗୁଣ ବିଶୁଦ୍ଧ ହୁଏ

ମାର୍ଶାଘାଇ, ୧୮।୧୨(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ମହାବିଦ୍ୟାଳୟ ଗାନ୍ଧୀ ମଣ୍ଡପରେ ସୋମବାର ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ନୂଆ ଓ ଆମ ଓଡ଼ିଶା ନବୀନ ଓଡ଼ିଶା ଏବଂ ଜାତୀୟ ସେବା ଯୋଜନାର ମିଳିତ ସହଭାଗିତାରେ ରାଜ୍ୟସ୍ତରୀୟ ଛାତ୍ର ସ୍ୱେଚ୍ଛାସେବୀ ନେତୃତ୍ୱ ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଖାଦ୍ୟ ଯୋଗାଣ ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ କରଣୀୟ ଏବଂ ଅକରଣୀୟ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିବା, ହୃଦୟଙ୍ଗମ କରିବାକୁ ଯେଉଁ ଭିତ୍ତିଭୂମିର ଆବଶ୍ୟକତା ଥାଏ ତାହାକୁ ଛାତ୍ରୀଛାତ୍ରମାନେ ଜାଣିଲେ ଭବିଷ୍ୟତରେ ସେମାନେ ବଡ଼ ମଣିଷ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ ପିଲାମାନେ ସଂସ୍କାରିତ ହେଲେ ସେମାନଙ୍କର ଅନ୍ତଃର୍ନିହିତ ଗୁଣ ବିଶୁଦ୍ଧ ହୋଇଥାଏ ଓ ସେମାନେ ସମାଜରେ ଜଣେ ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ ଆଚରଣ ଓ ବିଚରଣ କରିଥାନ୍ତି। ମୁଖ୍ୟ ବକ୍ତା ଭାବେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଶୃଙ୍ଖଳା, ଅନୁଶାସନ ଓ ବ୍ରହ୍ମଚର୍ଯ୍ୟ ଛାତ୍ରୀଛାତ୍ରମାନଙ୍କ ଭୂଷଣ ଏବଂ ସଫଳତାର ସୂତ୍ର ଭାବେ ସ୍ୱୀକୃତ। ପିଲାମାନେ ସମାଜ ସଂସ୍କାର, ଜ୍ଞାନ ସଞ୍ଚୟ, ଚରିତ୍ର ସଞ୍ଚୟ କରି ଚିତ୍ରରେ ଦେବତା ନୁହେଁ ଚରିତ୍ରରେ ଦେବତା ହେବା ପାଇଁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରଣୟ କୁମାର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଉଚ୍ଚଶିକ୍ଷା ବିଭାଗର ଉପଶାସନ ସଚିବ ତଥା ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ଓ ଜାତୀୟ ସେବା ଯୋଜନା ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ ମଞ୍ଚାସୀନ ଥିଲେ। ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ମଞ୍ଚ ସଞ୍ଚାଳନ କରିଥିବା ବେଳେ କେନ୍ଦ୍ରାପଡ଼ାର ଭାବଗ୍ରାହୀ କଳାନିକେତନ ପକ୍ଷରୁ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟ ତଥା ଜିଲାର ବିଭିନ୍ନ ମହାବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୪ ହଜାରରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦାନ କରିଥିଲେ। ସନ୍ଧ୍ୟାରେ ହାସ୍ୟ ଅଭିନେତା ଶଙ୍କର ଓ ପ୍ରଜ୍ଞାଙ୍କ ଦ୍ୱାରା ମଞ୍ଚ କଳା ପ୍ରଦର୍ଶନ କରାଯାଇଥିଲା।



ଶିବିରରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଅରୁଣ କୁମାର ସାହୁ ଏବଂ ଅନ୍ୟମାନେ।

# ବଲୁରିଆ ଜ୍ୱାଇଁ ଯୋଗୁ ଓଡ଼ିଶା ଆସିଛି

### ପଟ୍ଟାମୁଣ୍ଡାଇରେ କାର୍ତ୍ତିକ ପାଣ୍ଡିଆନଙ୍କୁ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ, ୧୮।୧୨ (କଳ୍ପତରୁ ନାୟକ)

୫-ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ତଥା ବଲୁରିଆର ଜ୍ୱାଇଁ କାର୍ତ୍ତିକ ପାଣ୍ଡିଆନ ସୋମବାର ରାଜନଗର ନିର୍ବାଚନମଣ୍ଡଳୀ ଗସ୍ତରେ ଆସି ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲଠାରେ ପହଞ୍ଚିବା ପରେ ବହୁ ମହିଳାପୁରୁଷ, ଯୁବକ, ଛାତ୍ରମାନେ ସମ୍ବର୍ଦ୍ଧନା ଜ୍ଞାପନ କରି ଏକ ବିଶାଳ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ମେଡିକାଲ ଛକ ପର୍ଯ୍ୟନ୍ତ ଆଣିଥିଲେ। ରାସ୍ତା ସାରା ଲୋକମାନେ ପାଣ୍ଡିଆନଙ୍କ କାର୍ ଉପରକୁ ଫୁଲ ପକାଇ ଗାଁ ଜ୍ୱାଇଁ ଭାବେ ସଙ୍ଖୋଳି ନେଇଥିଲେ।

ବାଜା ବାଣ, ସଂକୀର୍ତ୍ତନ ମଣ୍ଡଳୀ ସହ ଜୟ ଜଗନ୍ନାଥ, ହୁଳହୁଳି ମଧ୍ୟରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ମେଡିକାଲ ଛକରେ ଆୟୋଜିତ ପଥପ୍ରାନ୍ତ ସମ୍ବର୍ଦ୍ଧନା ସଭାରେ ଲୋକାରଣ୍ୟ ଦେଖି ପାଣ୍ଡିଆନ ଅଭିଭୂତ ହୋଇପଡ଼ିଥିଲେ। ଏହି ସଭାରେ ପାଣ୍ଡିଆନ କହିଲେ, ପଟ୍ଟାମୁଣ୍ଡାଇ ବଲୁରିଆ ଗାଁର ଝିଅ ଆଇଏଏସ୍ ପାଇବା ପରେ ସେ ତାଙ୍କୁ ବିବାହ କରି ଓଡ଼ିଶା ଆସିଲେ।



ପଟ୍ଟାମୁଣ୍ଡାଇଠାରେ ଅନୁଷ୍ଠିତ ସଭାରେ ପାଣ୍ଡିଆନ ଏବଂ ଅନ୍ୟମାନେ।

ମୋଟାମୋଟି ଭାବେ ପଟ୍ଟାମୁଣ୍ଡାଇ ପାଇଁ ଓଡ଼ିଶା ଆସିଥିବା ଓ ଆଜି ନିଜ ଶ୍ୱଶୁର ଘର ଗାଁରେ ଭବ୍ୟ ସମ୍ବର୍ଦ୍ଧନା ତାଙ୍କ ହୃଦୟକୁ ଜୟ କରିଛି ବୋଲି ପ୍ରକାଶ କରିଥିଲେ। ଗତ ୬ ମାସ ତଳେ କେନ୍ଦ୍ରାପଡ଼ା ଜିଲା ଗସ୍ତରେ ଆସିଥିଲି। ଏଥିମଧ୍ୟରେ ରାଜନଗର ନିର୍ବାଚନମଣ୍ଡଳୀକୁ ୧୩୫ କୋଟି ଟଙ୍କା ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। ଗରିବ, ମଧ୍ୟବିତ୍ତ ସମେତ ସବୁବର୍ଗର ଲୋକମାନଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମୃତ୍ୟୁ ସଞ୍ଜୀବନୀ ପାଲଟିଛି। ଦେଶ ତଥା ରାଜ୍ୟର ସମସ୍ତ ବଡ଼ ହସ୍ପିଟାଲରେ ମାଗଣାରେ ଚିକିତ୍ସା ସୁବିଧା ମିଳିପାରୁଛି। ଆଗାମୀ ଦିନରେ କେନ୍ଦ୍ରାପଡ଼ା ଜିଲାରେ ଲକ୍ଷ୍ମୀ ବସ୍ ଗଡ଼ିବ। ରାଜନଗର ଓ ପଟ୍ଟାମୁଣ୍ଡାଇ ବିକାଶ ଧାରାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ଘୋଷଣା କରିଥିଲେ।

ପାଣ୍ଡିଆନଙ୍କ ଗସ୍ତରେ ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ରାଜ୍ୟ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ସାମିଲ ହୋଇଥିଲେ। ଏହି ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ନଗର ବିଜେଡି ସଭାପତି ଖଗେଶ୍ୱର ଲେଙ୍କା, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ନଗର ମହିଳା ସଭାନେତ୍ରୀ ଲାସ୍ୟମୟୀ ସାହୁ, ବହୁ ବିଜେଡି ନେତା, କର୍ମକର୍ତ୍ତା ଓ ସାଧାରଣ ଲୋକେ ଉପସ୍ଥିତ ରହିଥିଲେ।

# ଧ୍ୱଂସ ପାଉଛି ରବର ପ୍ଲାଣ୍ଟେଶନ

ନୟାଗଡ଼,୧୮।୧୨(ଲୋକନାଥ ମିଶ୍ର)

- ରବର କ୍ଷୀର ଚୋରା ଚାଲାଣ ହେଉଛି
- ସରକାର ରାଜସ୍ୱ ହରାଇ ଚାଲିଛନ୍ତି
- ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ନାହିଁ

ଓଡ଼ିଶା ବନ ଉନ୍ନଉନ ନିଗମ ଭୁବନେଶ୍ୱର ଡିଭିଜନ ଅଧୀନରେ ଥିବା ନୟାଗଡ଼ ଜିଲା ରଣପୁର ବ୍ଲକ ନାକିଠଣା ନିକଟସ୍ଥ ଧାନୀ ରବର ପ୍ଲାଣ୍ଟେଶନ ରକ୍ଷଣା ବେକ୍ଷଣା ଅଭାବରୁ ଏବେ ଧ୍ୱଂସ ହେବାକୁ ଯାଉଛି। ଏହି ପ୍ଲାଣ୍ଟେଶନରେ ରୋପଣ କରାଯାଇଥିବା ୧୬ ହଜାର ରବର ଗଛ ମଧ୍ୟରୁ ପ୍ରାୟ ୧୦ ହଜାର ଗଛ ନଷ୍ଟ ହୋଇ ସାରିଥିଲା। ଆଉ ୨ ଏକରରେ ଥିବା ରବର ଗଛ ନଷ୍ଟ ହୋଇଚାଲିଛି। ଅପରପକ୍ଷରେ ଏହି ପ୍ଲାଣ୍ଟେଶନର ରବର କ୍ଷୀରକୁ ମାଫିଆ ଓ କେତେଜଣ ବିଭାଗୀୟ କର୍ମଚାରୀ ପ୍ରତ୍ୟହ ଲୁଟ କରି ମାଲାମାଲ ହେଉଥିବାବେଳେ ସରକାର ବାର୍ଷିକ ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଛନ୍ତି।

ରାଜ୍ୟରେ ରବର ଚାହିଦାକୁ ଆଖି ଆଗରେ ରଖି ନାକିଠଣା ନିକଟସ୍ଥ ଧାନୀ ସଂରକ୍ଷିତ ଜଙ୍ଗଲ ରବର ପ୍ଲାଣ୍ଟେଶନ ପାଇଁ ଉପଯୁକ୍ତ ସ୍ଥାନ ଭାବି ଓଡ଼ିଶା ବନ ଉନ୍ନଉନନିଗମ ଏଠାରେ ରବର ଗଛ ପ୍ଲାଣ୍ଟେଶନ କରିବାକୁ ସ୍ଥିର କରିଥିଲା। ପରେ ୧୯୮୪ରୁ ୧୯୮୭ ପର୍ଯ୍ୟନ୍ତ ଏଠାର ଅନ୍ଧାରୁଆ, ସାମନ୍ତସିଂହାରପୁର, ପାଇକ ଭୂଇଁ ଓ ନାଗଝର ଗ୍ରାମ ନିକଟରେ ଥିବା ଧାନୀ ସଂରକ୍ଷିତ ଜଙ୍ଗଲର ପାଦଦେଶରେ ୬୪ ହେକ୍ଟର ପରିମିତ ଜଙ୍ଗଲ ଜମିରେ ୧୬ ହଜାର ରବର ଗଛ ରୋପଣ କରିଥିଲା। ଏହାପରେ ୧୯୯୨ ରେ ବିଭାଗ ପକ୍ଷରୁ ରବର କ୍ଷୀର ସଂଗ୍ରହ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜୁନରୁ ସେପ୍ଟେମ୍ବର ବର୍ଷା ୪ ମାସ କ୍ଷୀର ସଂଗ୍ରହ ଏଠାରେ ବନ୍ଦ ରହିଥାଏ। ଏହି ପ୍ଲାଣ୍ଟେଶନରୁ ନିଗମ କୋଟି କୋଟି ଟଙ୍କା ଲାଭ କରୁଥିଲା। ତେବେ ୨୦୦୬ରେ ଟେଣ୍ଡର ମାଧ୍ୟମରେ ଜଣେ ଠିକାଦାରଙ୍କୁ ମାସିକ ୧୦ ଲକ୍ଷ ଟଙ୍କାରେ ରବର କ୍ଷୀର ସଂଗ୍ରହ କରିବାକୁ ଦାୟିତ୍ୱ ଦିଆଯାଇଥିଲା। ୨୦୦୬ ଅକ୍ଟୋବର ୧୪ରୁ ସମ୍ପୃକ୍ତ ଠିକାଦାର ରବର କ୍ଷୀର ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଥିଲେ। ଅପରପକ୍ଷେ ଠିକାଦାର ସରକାରଙ୍କୁ ରାଜସ୍ୱ ଟଙ୍କା ଦେବାରେ ଅବହେଳା କରିବାରୁ ନିଗମ ଓ ଠିକାଦାର ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ପରେ ନିଗମ ପକ୍ଷରୁ କ୍ଷୀର ସଂଗ୍ରହ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ହେଁ ରାଜସ୍ୱ ନ ଦେଇ ଠିକାଦାର ଶ୍ରମିକ ଲଗାଇ କ୍ଷୀର ସଂଗ୍ରହ କରି ଲକ୍ଷାଧିକ ଟଙ୍କା ଲାଭ କରି ମାଲାମାଲ ହୋଇଥିଲେ। ଏବେ କିଛିଦିନ ହେବ ସରକାରୀ ଭାବେ କ୍ଷୀର ସଂଗ୍ରହ ପ୍ରକ୍ରିୟା ବନ୍ଦ ରହିଥିବା ଜଣାପଡ଼ିଛି। ଏହାର ସୁଯୋଗରେ ମାଫିଆ ଓ କେତେଜଣ ବିଭାଗୀୟ କର୍ମଚାରୀ ସୁଯୋଗକୁ ହାତଛଡା ନ କରି କ୍ଷୀର ସଂଗ୍ରହ କରି ମାଲାମାଲ ହେଉଛନ୍ତି। ବର୍ତ୍ତମାନ ଏହି ପ୍ଲାଣ୍ଟେଶନରେ ପ୍ରାୟ ସାଢ଼େ ୫ ହଜାର ଗଛ ଥିବାର କୁହାଯାଉଛି। ତେବେ ରବର ପ୍ଲାଣ୍ଟେଶନରେ ଏତେ ସଂଖ୍ୟକ ଗଛ ଆଉ ନ ଥିବା ଅଭିଯୋଗ ଉଠିଛି । ସରକାର ରବର ପ୍ଲାଣ୍ଟେଶନ ନେଇ ପଦକ୍ଷେପ ନ ନେଲ ଏହା ଧ୍ୱଂସ ହୋଇଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜିଲା ପରିଷଦ ଚେୟାରମ୍ୟାନ ଦେବାଶିଷ ପଟ୍ଟନାୟକଙ୍କୁ ପଚାରିବାରେ ରବର ପ୍ଲାଣ୍ଟେଶନରୁ କ୍ଷୀର ସଂଗ୍ରହ ଓ ରକ୍ଷାଣାବେକ୍ଷଣ କରାଯାଉ ନ ଥିବାରୁ ସରକାରଙ୍କ ରାଜସ୍ୱ ହାନୀ ହେଉଛି। ଏ ନେଇ ରବର ପ୍ଲାଣ୍ଟେଶନ ବୋର୍ଡ ୨ ଥର ଅବଗତ କରାଇ ସାରିଲୁଣି। ପୁଣି ଥରେ ଅବଗତ କରାଯିବ ବୋଲି ସେ କହିଛନ୍ତି।


ରଣପୁର ନାକିଠଣାଠାରେ ଥିବା ଧାନୀ ରବର ପ୍ଲାଣ୍ଟେଶନରେ ଥିବା ଗଛ।

# ଜେମାଦେଇପୁର ସ୍ୱାସ୍ଥ୍ୟ, ଆରୋଗ୍ୟ କେନ୍ଦ୍ରରେ କେନ୍ଦ୍ରୀୟ ଟିମ୍


ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ କେନ୍ଦ୍ରୀୟ ଟିମ୍ ସହ ଅନ୍ୟମାନେ।

ନୟାଗଡ଼,୧୮।୧୨ (ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଜେମାଦେଇପୁରସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଭାରତ ସରକାରଙ୍କ ୨ ଜଣିଆ ଗୁଣବତ୍ତା ଯାଞ୍ଚ ସମ୍ବନ୍ଧୀୟ କେନ୍ଦ୍ରୀୟ ତଦାରଖକାରୀ ମଣ୍ଡଳୀ ସୋମବାର ପରିଦର୍ଶନ କରିଛନ୍ତି। ତଦାରଖ ଟିମ୍‌ରେ ପଶ୍ଚିମବଙ୍ଗରୁ ଡା. ପାର୍ଥ ପ୍ରତିମ ଗୁହା ଓ ଛତିଶଗଡ଼ରୁ ଡା. ଆଶିଷ ଶର୍ମା ଅଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ଯୋଗାଇ ଦିଆଯାଉଥିବା ସେବା ସମୂହକୁ ଟିକି ନିଖି ଯାଞ୍ଚ କରିଥିଲେ। ପ୍ରସୂତି ଓ ଗର୍ଭବତୀମାନଙ୍କୁ ପ୍ରଦାନ କରାଯାଉଥିବା ସେବା, ମଧୁମେହ, ଯକ୍ଷ୍ମା, ମାଲେରିଆ, କୁଷ୍ଠ, କ୍ୟାନସର, ଗଳା, କର୍ଣ୍ଣ, ନାଶା ଆଦି ରୋଗରେ ରୋଗୀକୁ ପ୍ରଦାନ କରାଯାଉଥିବା ପରାମର୍ଶ ସେବା ଏବଂ ଔଷଧ ବିତରଣ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ମଧ୍ୟ କରିଥିଲେ। ସେହିପରି ପାରିପାର୍ଶ୍ୱିକ ସ୍ୱଚ୍ଛତାକୁ ମଧ୍ୟ ଦେଖିଥିଲେ। ନୟାଗଡ଼ ଜିଲାରେ ପ୍ରଥମଥର ପାଇଁ ଜେମାଦେଇପୁରସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଭାରତ ସରକାରଙ୍କ ଟିମ୍ ପରିଦର୍ଶନ କରିଛନ୍ତି। ଏଥିରେ ମୁଖ୍ୟ ଜିଲା ଚିକିତ୍ସା ଅଧିକାରୀ ଡାକ୍ତର ରାମାକାନ୍ତ ପଣ୍ଡା, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ଲୋରେନ ସାହୁ, ସରପଞ୍ଚ ସଞ୍ଜୁବାଳା ବିଶ୍ୱାଳ, ଜିଲା ଗୁଣବତ୍ତା ଅଧିକାରୀ ସନତ କୁମାର ମହାପାତ୍ର, ସୀତାକାନ୍ତ ପଟ୍ଟନାୟକ, ଜ୍ୟୋତିମୟୀ ଜେନା,ସନ୍ତୋଷିନି ଶତପଥୀ, ଦୀପକ ଦଳବେହେରା, ନିବେଦିତା ପ୍ରଧାନ, ମନୋରଞ୍ଜନ ସାହୁ, ଭରତ ବେହେରା, ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ୧୨୦ ଅଭିଯୋଗ ପଞ୍ଜୀକୃତ, ୭୭ ତତ୍କାଳ ସମାଧାନ

ଓଡ଼ଗାଁ,୧୮।୧୨
(ଆଦର୍ଶ କୁମାର ପଟ୍ଟନାୟକ)

## ଓଡ଼ଗାଁରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ଓଡ଼ଗାଁ ପଞ୍ଚାୟତ ସମିତି ପରିସରରେ ସୋମବାର ବ୍ଲକସ୍ତରୀୟ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ନିକଟରେ ୧୨୦ ଅଭିଯୋଗ ହୋଇଥିବା ବେଳେ ସେଥିରୁ ୭୭ଟିର ତତ୍କାଳ ସମାଧାନ କରାଯାଇଥିଲା। ଏଥିରେ ନୟାଗଡ଼ ଜିଲାପାଳ ରବୀନ୍ଦ୍ରନାଥ ସାହୁ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଚାରୁ ବଳ, ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା, ତହସିଲଦାର ମାନସ ରଞ୍ଜନ ଭୋଇ, ଏବିଡିଓ କବିତା କୁମାରୀ ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ, ବିଇଓ ଗୀତାଞ୍ଜଳି ସାହୁ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ ଓ ଟାଟା ପାୱାର ସହକାରୀ ପରିଚାଳକ ବିନୋଦ କୁମାର ମହାରଣା ସହ ଜିଲାର ଅଧିକାରୀମାନେ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ୧୨୦ ପଞ୍ଜୀକୃତ ଅଭିଯୋଗ ମଧ୍ୟରୁ ୪୫ଟି ବ୍ୟକ୍ତିଗତ ଥିବାବେଳେ ୫ଟି ସାମୂହିକ ଓ ୭୦ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସମ୍ପର୍କିତ ସମସ୍ୟା ରହିଥିଲା। ଶିବିରରେ ୭୭ ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହରିଡ଼ାବନ୍ଧ ପଞ୍ଚାୟତର ସନେଇ ସେନାପତିଙ୍କୁ ଜିଲାପାଳ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ପ୍ରମୁଖଙ୍କ ଦ୍ୱାରା ହୁଇଲ ଚେୟାର ସାଇକେଲ ପ୍ରଦାନ କରାଯାଇଥିଲା। ବିଶେଷକରି ମୋ ଘର ଯୋଜନାରୁ ବଞ୍ଚିତ ଥିବା ଯୋଗ୍ୟ ହିତାଧୁକାରୀମାନେ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ଶିବିରରେ ମୁଖ୍ୟମନ୍ତ୍ରୀ ସହାୟତା ଫଣ୍ଡ ସମ୍ପର୍କିତ ଅଧିକ ଅଭିଯୋଗ ରହିଥିଲା। ରାଶନ କାର୍ଡରେ ନୂତନ ନାମ ସଂଯୋଗ ନିମନ୍ତେ ଅନେକ ହିତାଧିକାରୀ ଅଭିଯୋଗ କରିଥିଲେ। ପର୍ଯ୍ୟାୟକ୍ରମେ ନାମ ସଂଯୋଗ କରାଯିବ ବୋଲି ସେମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ହେଲେ ବିଗତଦିନରେ ଗ୍ରହଣ କରାଯାଇ ବିଭାଗୀୟ ଅଧିକାରୀଙ୍କୁ ପଠାଯାଇଥିବା ଅଭିଯୋଗର ଫଳାଫଳ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିଲା।



ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ୧୮ ୟୁନିଟ ରକ୍ତ ସଂଗ୍ରହ




ନୟାଗଡ଼,୧୮।୧୨(ଲୋକନାଥ ମିଶ୍ର)

ଭାରତ ବିକାସ ପରିଷଦର ନୟାଗଡ଼ ଶାଖା କାର୍ଯ୍ୟାଳୟରେ ସୋମବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ନୟାଗଡ଼ର ସାମାଜିକ କର୍ମୀ ଦାମ ସାର, ପରିବେଶବିତ୍ ପ୍ରକୃତି ବନ୍ଧୁ ଅନାଦି ଚରଣ ମହାନ୍ତି, ପରିଷଦର ଅଧ୍ୟକ୍ଷ ହରେକୃଷ୍ଣ ସାହୁ ଓ ଡା. ଦେବିଦତ୍ତ ମିଶ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିଷଦର ସମ୍ପାଦକ ଘନଶ୍ୟାମ ସାହୁ ପରିଚାଳନା କରିଥିଲେ।

# ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଶରଣକୁଳ, ୧୮।୧୨ (ଦୀପକ କର)

ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କାଞ୍ଚନ ଷଡ଼ଙ୍ଗୀ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରେ ଛାତ୍ରୀଛାତ୍ର ଏକ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ବାତାବରଣରେ ପରସ୍ପର ମଧ୍ୟରେ ଭାଇଚାରା ମନୋବୃତି ନେଇ ଜାତୀୟତା ମନୋଭାବରେ କ୍ରୀଡା ନୈପୁଣ୍ୟତା ପ୍ରଦର୍ଶନ କରିବା ପାଇଁ ଶପଥ ନେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରଶ୍ମି ରଞ୍ଜନ ମିଶ୍ର, ପ୍ରଜ୍ଞ୍ୟା ପରମିତା ସାହୁ, ଜନାର୍ଦ୍ଦନ ପରିଡା, ସୁମିତା ସାହୁ, ମମତା ମିଶ୍ର, ସସ୍ମିତା ସାହୁ, ଶାନ୍ତି ଖଣ୍ଡୁଆଳ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗ ଦେଇଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ଦାମୋଦର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଥମ ଦିବସରେ ବରିଷ୍ଠ, କନିଷ୍ଠ ଓ ସର୍ବ କନିଷ୍ଠ ବିଭାଗର ଛାତ୍ରୀଛାତ୍ର ଭିନ୍ନ ଭିନ୍ନ ୧୦୦ ମିଟର, ୨୦୦ ମିଟର ଦୌଡ଼ ସହିତ ଲମ୍ଫ ଡିଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନରେ ପ୍ରାୟ ଦୁଇଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ୩୯ ଜଣ ପ୍ରତିଯୋଗୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ଛାତ୍ରୀଙ୍କ ଦ୍ୱାରା ବାଲ୍ୟବିବାହ ଉଚ୍ଛେଦ, ନିଶା ନିବାରଣ ସଚେତନତା



ଛାତ୍ରୀମାନଙ୍କ ଦ୍ୱାରା ବାହାରିଥିବା ସଚେତନତା ଶୋଭାଯାତ୍ରା।

ରଣପୁର,୧୮।୧୨(ସୁକାନ୍ତ କିଶୋର ଡ଼ାକୁଆ)

ରଣପୁର ମା' ମାନିନାଗ ଦୁର୍ଗା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଉଥିବା ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ କାର୍ଯ୍ୟକ୍ରମରେ ଛାତ୍ରୀମାନେ ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ବାଲ୍ୟ ବିବାହ ଓ ନିଶା ନିବାରଣ ଉପରେ ସଚେତନତା କରିଥିଲେ। ଏହି ପରିପେକ୍ଷୀରେ ଛାତ୍ରୀମାନେ ବିଦ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରୀ ରଣପୁରର ବିଭିନ୍ନ ଗ୍ରାମ ଯଥା ନୂଆଗାଁ ଓ ଲାଖପଡ଼ା ଗ୍ରାମକୁ ଯାଇ ଗ୍ରାମବାସୀଙ୍କୁ ସଚେତନତା କରିଥିଲେ। ଏହି କାଯ୍ୟକ୍ରମରେ ଶତାଧିକ ଛାତ୍ରୀ ଯୋଗଦେଇ ସମାଜକୁ ସଚେତନତା ର ବାତ୍ରା ବାଣ୍ଟିଛନ୍ତି। ଏହାସହ ମହାବିଦ୍ୟାଳୟ ପରିସରରେ ଆଗାମୀଦିନରେ ଯୋଗ ଶିବିର ଅନୁଷ୍ଠିତ ହେବ ବୋଲି ନୋଡାଲ ଅଫିସର ଗୀତାଞ୍ଜଳି ମିଶ୍ର ପ୍ରକାଶ କରିଛନ୍ତି। ପ୍ରତ୍ୟେକ ଦିନ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି। ଏହାଦ୍ୱାରା ଛାତ୍ରୀମାନଙ୍କ ପ୍ରତିଭା ବିକଶିତ ହେଉଛି। ଅନୁଷ୍ଠିତ ସଭାରେ ଛାତ୍ରୀମାନଙ୍କ ବିକାଶ ହେଲେ ଦେଶ ଓ ସମାଜ ଆଗକୁ ବଢ଼ିବ,ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଶୁକାନ୍ତି ଦେବୀ ପ୍ରକାଶ କରିଛନ୍ତି। ଛାତ୍ରୀମାନେ ଗୀତ, ନାଚ, ଫେସନ ସୋ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟାପକ ରମେଶ ଚନ୍ଦ୍ର ମିଶ୍ର, ସୁର୍ଶୀ ସସ୍ମିତା ବେହୁରା, ସମସ୍ତ ଛାତ୍ରୀ ଓ ଅଧ୍ୟାପିକା କର୍ମଚାରୀ ଉପସ୍ଥିତ ଥିଲେ।

# ସୁସ୍ଥ ଜୀବନଯାପନର ଶ୍ରେଷ୍ଠ ମାଧ୍ୟମ ଯୋଗ

ଖଣ୍ଡପଡ଼ା,୧୮।୧୨(ଅଜୟ କୁମାର ମହାରଣା)

ସୁସ୍ଥ ଜୀବନ ଯାପନର ଶ୍ରେଷ୍ଠ ମାଧ୍ୟମ ହେଉଛି ଯୋଗ। ଯୋଗ ମନୁଷ୍ୟକୁ ଚିନ୍ତା ମୁକ୍ତ ରଖିବା ସହ ମୁକ୍ତି ପ୍ରଦାନ କରିଥାଏ। ଏହା ମନୁଷ୍ୟଠାରେ ଶାରୀରିକ, ମାନସିକ, ଆଧାତ୍ମିକ ଓ ସାମାଜିକ ସନ୍ତୁଳନ କରିଥାଏ। ସୁସ୍ଥ ଓ ନୀରୋଗ ରହିବା ପାଇଁ ଯୋଗାଭ୍ୟାସ ଓ ପ୍ରାତଃ ଭ୍ରମଣ ଏକାନ୍ତ ଜରୁରୀ। ଯୋଗାଶନ ଦ୍ୱାରା ଶାରୀରିକ ଶୁଦ୍ଧି, ପ୍ରାଣାୟମ ଦ୍ୱାରା ମାନସିକ ଶୁଦ୍ଧି ଓ ଧାନ ଦ୍ୱାରା ଚିତ୍ତ ଶୁଦ୍ଧି ହୋଇଥାଏ। ଫଳରେ ଯୋଗ ଦ୍ୱାରା ଆଧାତ୍ମିକ ଉନ୍ନତି ସମ୍ଭବ। ଏହି ପ୍ରିପ୍ରେକ୍ଷୀରେ ରବିବାର କଣ୍ଟିଲୋ ନିକଟସ୍ଥ ମା' ନାରାୟଣୀ ପୀଠ ଗୋପୀନାଥ ମନ୍ଦିର ପରିସରରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବନ ବିଭାଗ ଅଧିକାରୀ ଲକ୍ଷ୍ମଣ କୁମାର ମହାରଣାଙ୍କ ପୌରୋହିତ୍ୟ କରି ଯୋଗକୁ ନିଜ ଜୀବନ ଯାତ୍ରାରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରୂପେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବାଣପୁର ବସନ୍ତ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସନାତନ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରି ଯୋଗ ସମ୍ବନ୍ଧୀୟ ବିଭିନ୍ନ ଆଲୋଚନା ସହ କେତେକ ଯୋଗ ନିଜେ କରି ପ୍ରଦର୍ଶିତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମହିଳା, ବୟସ୍କ ବ୍ୟକ୍ତି ଓ ଯୁବତୀଯୁବକ ଉପସ୍ଥିତ ରହିଥିଲେ। ବିଶେଷକରି ଆଜିର ସମାଜରେ ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ଭାବେ ଜୀବନ ଅତିବାହିତ କରିବାକୁ ହେଲେ ପ୍ରତ୍ୟହ ଯୋଗ କରିବା ନିହାତି ଆବଶ୍ୟକ। ମଣିଷ ଜୀବନ ବଞ୍ଚାଇବା ପାଇଁ କର୍ମ ଜଂଜାଳ ମଧ୍ୟରେ ବୁଡ଼ି ରହି ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାନ୍ତି ବୋଲି କାର୍ଯ୍ୟକ୍ରମ ପରିଚାଳନା କରୁଥିବା ସାମାଜିକ କର୍ମୀ ଗୋପାଳ ଚନ୍ଦ୍ର ଅଗ୍ରୱାଲା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାରଣା ସୂଚନା ଦେଇଥିଲେ। ସମ୍ପ୍ରତି ୭୦ ପ୍ରତିଶତ ଲୋକ ହୃଦ୍‌ଘାତ, ମଧୁମେହ ରୋଗ, ରକ୍ତଚାପ ପରି ଅନେକ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡିଥାନ୍ତି। ଜୀବନ ବର୍ଦ୍ଧନରେ ମହାସୂତ୍ର ଯୋଗ ଓ ପ୍ରାତଃ ଭ୍ରମଣର ଅଭ୍ୟାସ ଯେ ମଣିଷକୁ ନିରାମୟ ଓ ଦୀର୍ଘାୟୁ କରିଥାଏ ବୋଲି ଅଗ୍ରୱାଲା କହିଥିଲେ।


ଯୋଗ ଶିବିରରେ ଯୋଗ ଦେଇଥିବା ଲୋକମାନେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବବୁଲ


@ ବୀରେନ୍ଦ୍ର


@ ପ୍ରେମରାଜ


@ ରଞ୍ଜୁରାଣୀ


@ ସତ୍ୟରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

